**ପୁଣି ଚର୍ଚ୍ଚାରେ ଖାରିପଲ୍ଲୀ**

# ଭିଟାମାଟି ଛାଡ଼ିଥିବା ଲୋକ ଗାଁକୁ ଫେରିବାକୁ ବିରୋଧ

ଧରାକୋଟ,୧୨।୯ (ସମିସ)

ପୁଣି ଚର୍ଚ୍ଚାରେ ଖାରିପଲ୍ଲୀ ଗାଁ। ଟ୍ରିପଲ ମର୍ଡର ପରେ ଗୋଟିଏ ଗୋଷ୍ଠୀ ଭିଟାମାଟି ଛାଡ଼ି ଦେଇଥିଲେ। ସେମାନେ ଏବେ ଗାଁକୁ ଫେରିବାକୁ ଉଦ୍ୟମ କରୁଥିବାବେଳେ ଗାଁ ଲୋକେ ବିରୋଧ କରୁଛନ୍ତି। ଯାହାକୁ ନେଇ ପ୍ରଶାସନ ନାକେଦମ ହୋଇଛି। ବଡ଼ଗଡ଼ ଥାନା ଅନ୍ତର୍ଗତ ବାହାରପୁର ପଞ୍ଚାୟତର ଖାରିପଲ୍ଲୀ ଗ୍ରାମରେ ଗତ ମାର୍ଚ୍ଚ ୧୮ ରାତିରେ ଗୁଣିଗାରେଡ଼ିକୁ ନେଇ ଦୁଇ ଗୋଷ୍ଠୀ ମୁହାମୁହିଁ ହୋଇଥିଲେ। ଏଥିରେ ଖଦାଳ ବେହେରା (୬୫), ରତ୍ନାକର ବେହେରା(୪୫) ଓ ପ୍ରତିପକ୍ଷ ଗୋଷ୍ଠୀର ରମେଶ ବେହେରା (୪୫)ଙ୍କ ମୃତ୍ୟୁ ଘଟିଥିଲା। ଉଭୟ ପକ୍ଷ ଥାନାରେ ଏତଲା ଦେବା ପରେ ଦୁଇଟି ମାମଲା ରୁଜୁ ହୋଇଥିଲା। ପୁଲିସ ଏହି ଘଟଣାରେ ଖାରିପଲ୍ଲୀ ଗାଁର ୧୬ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଘଟଣା ପରେ ଗାଁରୁ ବାସନ୍ଦ କରାଯାଇଥିବା ଗୋଟିଏ ଗୋଷ୍ଠୀର ମିଥୁନ ବେହେରା, ଈଶ୍ୱର ବେହେରା, ଅଶୋକ ବେହେରା, ନିବାସୀ ବେହେରା ଓ ବନବାସୀ ବେହେରା ଗାଁଠାରୁ ଦୂରେଇ ରହିଥିଲେ। ଏହା ମଧ୍ୟରେ ସେମାନେ ନିଜ ଭିଟାମାଟିକୁ ଫେରିବାକୁ ପ୍ରଶାସନକୁ ଜଣାଇଥିଲେ। ଶୁକ୍ରବାର ଧରାକୋଟ ତହସିଲ କାର୍ଯ୍ୟାଳୟରେ ଉଭୟ ପକ୍ଷକୁ ନେଇ ବୈଠକ ହୋଇଥିଲା। ବୈଠକରେ ଭଞ୍ଜନଗର ଉପ ଜିଲ୍ଲାପାଳ ଉମା ଶଙ୍କର ବେହେରା, ତହସିଲଦାର ଲମ୍ବୋଦର ମାରାଣ୍ଡି, ଶିକ୍ଷା ନବେଶ ପ୍ରଶାସନିକ ଅଧିକାରୀ ଦେବାଶିଷ ରାଉଳ, ଆସିକା ଉପଖଣ୍ଡ ପୁଲିସ ଅଧିକାରୀ ସନ୍ତୋଷ ଜେନା, ଅତିରିକ୍ତ ତହସିଲଦାର ଗଣେଶ ଦଳାଇ, ଭାରପ୍ରାପ୍ତ ବିଡିଓ ସୁଶିଲ ପଟ୍ଟନାୟକ, ବଡ଼ଗଡ଼ ଥାନା ଅଧିକାରୀ ଶୁଭ୍ରଜିତ୍ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।



## ବୈଠକ ବିଫଳ, ହରଡ଼ଘଣାରେ ପ୍ରଶାସନ

ଗ୍ରାମବାସୀଙ୍କ ତରଫରୁ ଉପସ୍ଥିତ ରହିଥିବା ଲୋକେ ଆମ ଲୋକମାନେ ବର୍ତ୍ତମାନ ସୁଦ୍ଧା ଜେଲରୁ ମୁକୁଳି ନାହାନ୍ତି, ସେମାନେ ଜେଲରୁ ଗାଁକୁ ନେଫେରିବା ପର୍ଯ୍ୟନ୍ତ ଅନ୍ୟ ଗୋଷ୍ଠୀର ଲୋକେ ଭିଟାମାଟିକୁ ଫେରି ପାରିବେ ନାହିଁ। ଏ ସମ୍ପର୍କରେ ପ୍ରଶାସନର କୌଣସି କଥା ଆମେ ଶୁଣିବୁ ନାହିଁ, ପ୍ରଶାସନ ଆମ ଲୋକଙ୍କୁ ନିର୍ଦ୍ଦୋଷ ପ୍ରମାଣିତ କରି ଗାଁରେ ଛାଡ଼ନ୍ତୁ ବୋଲି ଜିଦ୍ ଧରିଥିଲେ। ଅନ୍ୟପକ୍ଷରେ ଗାଁ ଛାଡ଼ିଥିବା ଗୋଷ୍ଠୀର ଲୋକେ ଯାହା ପରିସ୍ଥିତି ହେଲେ ମଧ୍ୟ ଗାଁକୁ ଆମେ ଫେରିବୁ ଓ ଏଥିପାଇଁ ଯଦି କିଛି ପ୍ରତିକୂଳ ପରିସ୍ଥିତି ସୃଷ୍ଟି ହୁଏ ଆମେ ତାହାକୁ ସାମ୍ନା କରିବାକୁ ପ୍ରସ୍ତୁତ ଅଛୁ। ଏଣୁ ପ୍ରଶାସନ ଆମକୁ ସୁରକ୍ଷା ଦେଉ ବୋଲି ପ୍ରକାଶ କରିଥିଲେ। ଉଭୟ ପକ୍ଷର ଜିଦ୍ ଆଗରେ ପ୍ରଶାସନକୁ ନାକେଦମ୍ ହେବାକୁ ପଡ଼ିଥିଲା। କୌଣସି ନିଷ୍କର୍ଷ ବାହାରି ପାରିନଥିଲା। ଏ ସମ୍ପର୍କରେ ଭଞ୍ଜନଗର ଉପ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ ବେଳେ ଏଥିପାଇଁ ୭ ଦିନ ସମୟ ଦିଆଯାଇଛି। ଆଇନ ଅନୁଯାୟୀ ସମସ୍ତ କାର୍ଯ୍ୟ କରାଯାଇ ଗାଁ ଛାଡିଥିବା ଲୋକଙ୍କୁ ଭିଟାମାଟିକୁ ଫେରାଇ ଆଣିବାକୁ ପଦକ୍ଷେପ ନିଆଯିବ ବୋଲି ପ୍ରକାଶ କରିଛନ୍ତି। ସଂପ୍ରତି ଖାରିପଲି ଗାଁର ସମସ୍ତ ପରିବାର ଗୋଟିଏ ପଟେ ରହିଥିବା ବେଳେ ଦୁଇଟି ପରିବାର ଅନ୍ୟପଟରେ ରହିଛନ୍ତି। ଯାହାକୁ ନେଇ ଆଗାମୀ ଦିନରେ ଖାରିପଲି ପୁଣି ଅଶାନ୍ତ ହେବାର ସମ୍ଭାବନା ଦେଖାଦେଇଛି।

# ମୃତକଙ୍କ ପରିବାରକୁ ସହାୟତା

ଶେରଗଡ,୧୨।୯ (ସମିସ): ଶେରଗଡ଼ ସହର ବାସିନ୍ଦା ରାମକୃଷ୍ଣ ମଳିକ ଜଣେ ଦିନମଜୁରିଆ। ଦୀର୍ଘଦିନ ଧରି ହୃଦ୍‌ରୋଗ ଓ ପରେ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ଡାୟଲିସିସ୍ ଚାଲିଥିଲା। ଅର୍ଥ ଅଭାବ ଥିବାରୁ ଗତ ସୋମବାର ଶେରଗଡ ବ୍ଲକରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ପହଞ୍ଚି ନିଜର ଚିକିତ୍ସା ଲାଗି ସହାୟତା ପାଇଁ ଜିଲ୍ଲାପାଳଙ୍କୁ ନିବେଦନ କରିଥିଲେ। କିନ୍ତୁ ଚିକିତ୍ସା ଆରମ୍ଭ ହେବା ପୂର୍ବରୁ ରାମକୃଷ୍ଣଙ୍କ ଗତ ବୁଧବାର ମୃତ୍ୟୁ ଘଟିଛି। ଫଳରେ ରାମକୃଷ୍ଣଙ୍କ ୩ ପୁଅ ଏବଂ ସ୍ତ୍ରୀ ବେସାହାରା ହୋଇପଡିଛନ୍ତି। ଖବର ପ୍ରକାଶ ପରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ତହସିଲଦାର ତ୍ରିଦେବ ରଥ ମୃତ ରାମକୃଷ୍ଣଙ୍କ ଘରେ ପହଞ୍ଚି ତାଙ୍କ ସ୍ତ୍ରୀ ରଚନାଙ୍କୁ ରେଡକ୍ରସ ପାଣ୍ଠିରୁ ୩୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରିଛନ୍ତି। ତହସିଲର ସୁପରଭାଇଜର ପି.ପଞ୍ଚମା, ଆର୍‌ଆଇ ପ୍ରଭାତ କୁମାର ରାଉଳ ପ୍ରମୁଖ ଉପସ୍ଥିତ ଥିଲେ।

# ଦିଗପହଣ୍ଡିକୁ ମ୍ୟୁନିସିପାଲଟି ଘୋଷଣା ଦାବି

ଦିଗପହଣ୍ଡି,୧୨।୯ (ସମିସ): ଦିଗପହଣ୍ଡି ଏନ୍‌ଏସିକୁ ରାଜ୍ୟ ସରକାର ମ୍ୟୁନିସିପାଲଟି ଘୋଷଣା ପାଇଁ ଭାରତୀୟ ବିକାଶ ପରିଷଦ ପକ୍ଷରୁ ଦାବି କରାଯାଇଛି। ଗୁରୁବାର ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକ ବଙ୍ଗଳାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପରିଷଦର ସଭାପତି ସୁରେନ୍ଦ୍ର ପାଣିଗ୍ରାହୀ ମ୍ୟୁନିସିପାଲଟି ପାଇଁ ଦିଗପହଣ୍ଡି ସହରର ସମସ୍ତ ଯୋଗ୍ୟତା ଥିବା ନେଇ ତଥ୍ୟ ଉପସ୍ଥାପନ କରିଥିଲେ। ରାଜ୍ୟସରକାର ବୈମାତୃକ ମନୋଭାବ ପୋଷଣ କରୁଥିବା ନେଇ ସେ ତୀବ୍ର ସମାଲୋଚନା କରିଥିଲେ। ଦିଗପହଣ୍ଡି, ପଦ୍ମନାଭପୁର, ଅନଙ୍ଗପୁର, ରାଜପୁର, ନବରଙ୍ଗପୁର, ଚାଞ୍ଚଡ଼ାପଲ୍ଲୀ, ବିଜୟ ପଦ୍ମନାଭପୁର, ଶୁଣ୍ଡିପଲ୍ଲୀ, ତୁଡୁଙ୍ଗପୁର, ନୂଆ ମଳାଭଞ୍ଜା, ଲକ୍ଷ୍ମୀନାରାୟଣପୁର, ରାମଚନ୍ଦ୍ର ପୁର, ମଙ୍ଗରାଜପୁର, ଚୈତନ୍ୟପୁର ଓ ଭୀମପୁର ଶାସନକୁ ମିଶ୍ରଣ କରି ମ୍ୟୁନିସିପାଲଟି ଘୋଷଣା କରାଯିବାକୁ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର, ଗଞ୍ଜାମ ଜିଲ୍ଲାପାଳ, ନଗର ଉନ୍ନୟନ ମନ୍ତ୍ରୀ ଏବଂ ନଗର ଉନ୍ନୟନ ସଚିବଙ୍କ ଉଦ୍ଦେଶ୍ୟରେ ଦସ୍ତଖତ ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରାଯାଇଥିବା ସେ ଉଲ୍ଲେଖ କରିଛନ୍ତି। ଦିଗପହଣ୍ଡିକୁ ତୁରନ୍ତ ମ୍ୟୁନିସିପାଲଟି ଘୋଷଣା କରାନଗଲେ ଭାରତୀୟ ବିକାଶ ପରିଷଦ ପକ୍ଷରୁ ଗଣ ଆନ୍ଦୋଳନ କରାଯିବା ସହ ଉଚ୍ଚ ନ୍ୟାୟାଳୟର ଆଶ୍ରୟ ନିଆଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଆଇନଜୀବୀ ଗଜାନନ ତ୍ରିପାଠୀ, ଭାରତୀୟ ବିକାଶ ପରିଷଦର ସାଧାରଣ ସମ୍ପାଦକ ରାଜେନ୍ଦ୍ର ଦଳବେହେରା, ରବୀନ୍ଦ୍ରନାଥ ପାଣିଗ୍ରାହୀ, କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ଶ୍ରୀଧର ରେଡ୍ଡୀ, କେ.ସୁଦାମ ପ୍ରମୁଖ ଉପସ୍ଥିତ ଥିଲେ।

# ୯୨ ତମ ଭଞ୍ଜ ସଙ୍ଗୀତ ଆସର

ଭଞ୍ଜନଗର,୧୨।୯ (ସମିସ): ଘୁମୁସର ଦିବସ ଉପଲକ୍ଷେ କୁଲାଡ଼ ରୋଡ ବାଗଦେବୀ ମନ୍ଦିର ପ୍ରାଙ୍ଗଣରେ ୯୨ତମ ଭଞ୍ଜ ସଂଗୀତ ଆସର ଅନୁଷ୍ଠିତ ହୋଇଛି। ସଂସ୍କୃତି ବିକାଶ ସଂସଦର ଆୟୋଜିତ ଏହି ସଂଗୀତ ସନ୍ଧ୍ୟାରେ ବହୁ ଶ୍ରୋତା ସାମିଲ ହୋଇଥିଲେ। ମନ୍ଦିର କମିଟି ସଭାପତି ଗୋପାଳକୃଷ୍ଣ ପାଣିଗ୍ରାହୀ ଉଦ୍‌ଘାଟନ କରିଥିଲେ। ଆନନ୍ଦ ସଂଗୀତାୟନର ସଭାପତି ପ୍ରଶାନ୍ତ ମହାନ୍ତି ଅନୁଷ୍ଠାନର ଆଭିମୁଖ୍ୟ ଉପସ୍ଥାପନ କରିଥିଲେ। ଅନୁଷ୍ଠାନର ଉପସଭାପତି ଅଦିକନ୍ଦ ଗୌଡ଼, ନାରାୟଣ ମହାରଣା, ଜଗଦୀଶ ପାଣିଗ୍ରାହୀ ମଞ୍ଚ ପରିଚାଳନା କରିଥିଲେ। ଅନୁଷ୍ଠାନର ନିୟମିତ ଶିଳ୍ପୀ ଚିନ୍ମୟୀ ଗୌଡ଼, ଶୁଭସ୍ମିତା ମହାରଣା, ପୁଷ୍ପାଞ୍ଜଳି ସାହୁ, ନିପାରଣୀ ଗୌଡ଼ ଏବଂ ନିମନ୍ତ୍ରିତ କଣ୍ଠ ଶିଳ୍ପୀ ନାଗେଶ୍ୱର ପାତ୍ର, ଅଶୋକ ସ୍ୱାଇଁ, ପ୍ରମୁଖ ଭଞ୍ଜ ସଂଗୀତ ପରିବେଷଣ କରିଥିଲେ। ଅଭିଷେକ ମହାପାତ୍ର ମର୍ଦ୍ଦଳ ବାଦନ କରିଥିଲାବେଳେ ଦିବାକର ପ୍ରଧାନ ତବଲାରେ ସହାୟତା କରିଥିଲେ। ସମ୍ପାଦକ ଅଶୋକ ମହାପାତ୍ର ଧନ୍ୟବାଦ ଦେଇଥିଲେ।

**● ରାସ୍ତା ନିର୍ମାଣ କାମ ବିଳମ୍ବ**

# ଜାତୀୟ ରାଜପଥ ଅବରୋଧ କଲେ ଗ୍ରାମବାସୀ



ସାନଖେମୁଣ୍ଡି,୧୨।୯ (ସମିସ): ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି-ରାୟଗଡ଼ା ୩୨୬ନଂ ଜାତୀୟ ରାଜପଥ ନିର୍ମାଣ କାର୍ଯ୍ୟରେ ଠିକାଦାରଙ୍କ ଅହେତୁକ ବିଳମ୍ବ ଯୋଗୁ ବାରମ୍ବାର ଦୁର୍ଘଟଣା ଘଟୁଛି। ପ୍ରତିବାଦରେ ମଳାଭଞ୍ଜା ଗ୍ରାମ ମା' ସାତଭଉଣୀ ମନ୍ଦିର ନିକଟରେ ଗ୍ରାମବାସୀ ଶୁକ୍ରବାର ସକାଳୁ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶହ ଶହ ଗାଡ଼ି ମୋଟର ଅଟକି ରହିଥିଲା। ରାୟଗଡା କୋରାପୁଟ ମାଲକାନାଗିରିକୁ ଯାଉଥିବା ମାଲବାହୀ ଟ୍ରକ, ଯାତ୍ରୀବାହୀ ବସ ଅଟକି ରହିଛି। ଏହି ରାସ୍ତାରେ ଗତ ୧ବର୍ଷ ମଧ୍ୟରେ ଅନେକ ଦୁର୍ଘଟଣା ଘଟି ବହୁ ମୃତାହତ ହେଲେଣି। ପ୍ରାୟ ୧୨୦ କୋଟି ଟଙ୍କା ବ୍ୟୟରେ ୪୦ କିମି ରାସ୍ତା ନିର୍ମାଣ ନାଁରେ ଠିକାଦାର ଜଣକ ସାନଖେମୁଣ୍ଡି ବ୍ଲକ ମଳାଭଞ୍ଜାଠାରୁ ଡେଙ୍ଗାଓସ୍ତା ଗ୍ରାମ ମଧ୍ୟରେ ଅନେକ ସ୍ଥାନରେ ରାସ୍ତାକୁ ଦୀର୍ଘଦିନ ହେଲା ସମ୍ପୂର୍ଣ୍ଣ ଖୋଳି ଛାଡ଼ି ଦେଇଛନ୍ତି। ଫଳରେ ଲୋକେ ଯିବାଆସିବା ପାଇଁ ଘୋର ଅସୁବିଧା ଭୋଗୁଛନ୍ତି। ରାସ୍ତା ଅବରୋଧ ଖବରପାଇ ଜାତୀୟ ରାଜପଥ ପ୍ରାଧିକରଣ ବିଭାଗ ଯନ୍ତ୍ରୀ ବୃନ୍ଦ, ଦିଗପହଣ୍ଡି ଥାନା ଅଧିକାରୀ ପ୍ରଶାନ୍ତ ପାତ୍ର, ଜାତୀୟ ରାଜ ପଥ ବିଭାଗ ଯନ୍ତ୍ରୀ, ଠିକାସଂସ୍ଥା କର୍ମଚାରୀ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାସୁଝା କରିବା ସହ ଖୁବ୍‌ଶୀଘ୍ର କାମ ସାରିବାକୁ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକ ହଟିଥିଲା।

# ମା'ଙ୍କ ଶୁଦ୍ଧିକ୍ରିୟାରେ ମାଉସୀ ଯୋଗଦେବାରୁ ସମାଜିକ ବାସନ୍ଦ

ପୋଲସରା,୧୨।୯ (ସମିସ): ଗଞ୍ଜାମ ଜିଲ୍ଲାରେ ସାମାଜିକ ବାସନ୍ଦକୁ ନେଇ ପୁଣି ଏକ ବିବାଦ ଦେଖାଦେଇଛି। ପୋଲସରା ଥାନା ଅନ୍ତର୍ଗତ କଳମ୍ବ ଗ୍ରାମରେ ଏଭଳି ଘଟଣା ଘଟିଛି। ଗ୍ରାମର ଅଚ୍ୟୁତ ପ୍ରଧାନଙ୍କ ମା' ସଂଜିତା ସାହୁ ଜଣେ ଶିକ୍ଷୟିତ୍ରୀ ଥିଲେ। କିଛିମାସ ପୂର୍ବରୁ ସଂଜିତା ଟ୍ରେନ ଯାତ୍ରା କରୁଥିବା ସମୟରେ କୌଣସି କାରଣରୁ ଗୋଡ଼ ଖସିଯାଇ ମୃତ୍ୟୁବରଣ କରିଥିଲେ। ଅଚ୍ୟୁତଙ୍କ ପରିବାର କର୍ଣ୍ଣପାତ କରିନଥିଲେ। ଫଳରେ ତାଙ୍କ ପରିବାରକୁ ସମାଜ ତରଫରୁ ବାସନ୍ଦ କରାଯାଇଥିଲା। କେବଳ ସେତିକି ନୁହେଁ ଏନେଇ କିଛି ଦିନ ତଳେ ସମାଜ ପକ୍ଷରୁ ଏକ ବୈଠକ ବସି ଜରିମାନା ବାବଦରେ ୩ ସେହି ସମୟରେ ଅଚ୍ୟୁତଙ୍କ ମାଉସୀ ତାଙ୍କ ପରିବାର ନିକଟରେ ପହଞ୍ଚି ସମସ୍ତ କାର୍ଯ୍ୟରେ ସହଯୋଗ କରିବା ସହ ଶୁଦ୍ଧିକ୍ରିୟାରେ ଯୋଗଦେଇଥିଲେ। କିନ୍ତୁ ଅଚ୍ୟୁତଙ୍କ ମାଉସୀ ଯେହେତୁ ଅନ୍ୟ ଜାତିରେ ବିବାହ କରିଥିଲେ ସେଥିପାଇଁ ସମାଜ ପକ୍ଷରୁ ତାଙ୍କୁ ବିରୋଧ କରାଯିବା ସହ ମାଉସୀଙ୍କ ସହ କୌଣସି ସମ୍ପର୍କ ନରଖିବା ଏପରିକି ତୁରନ୍ତ ବାହାରିଯିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ତେବେ ମାଉସୀ ପରିବାରର ଜଣେ ସଦସ୍ୟ ଥିବାରୁ ସମାଜର ଏଭଳି ନିଷ୍ପତ୍ତିକୁ ହଜାର ୮ ଶହ ଏକ ଟଙ୍କା ଦେବାକୁ ଦାବି କରାଯିବା ସହ ଚାପ ପ୍ରୟୋଗ କରାଯାଉଥିବା ନେଇ ଶୁକ୍ରବାର ଅଚ୍ୟୁତ ପୋଲସରା ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା ଥାନା ଅଧିକାରୀ କୌଶିକ ମାଝୀ କହିଛନ୍ତି। ଅନ୍ୟପକ୍ଷରେ ସମାଜ ତରଫରୁ ଏଭଳି ଅଭିଯୋଗ ସମ୍ପୂର୍ଣ୍ଣ ଅମୂଳକ ଅଟେ। କାହାକୁ ଜୋରଜବରଦସ୍ତି ପଇସା ମଗାଯାଇନି ସମାଜରେ ମିଳିମିଶି ଚଳିବା ଲକ୍ଷ୍ୟରେ ବୈଠକ ହୋଇଥିବା ଅଧ୍ୟାପକ ମନୋଜ ସାହୁ କହିଛନ୍ତି।



ଥାନାର ଦ୍ୱାରସ୍ଥ ହେଲେ ପରିବାର

**ସେବାଶ୍ରମରେ ଅଘଟଣ**

# ଶୋଇଥିବା ଛାତ୍ରଙ୍କ ଆଖିରେ ଫେଭିକୁଇକ୍ ଲଗାଇଦେଲେ ସହପାଠୀ

ଫିରିଙ୍ଗିଆ,୧୨।୯ (ସମିସ): ଫିରିଙ୍ଗିଆ ବ୍ଲକ ସଲାଗୁଡ଼ା ସେବାଶ୍ରମରେ ଅଭାବନୀୟ ଘଟଣା ଘଟିଛି। ବିଦ୍ୟାଳୟରେ ରହୁଥିବା ଅନ୍ତେବାସୀ ଛାତ୍ର ଶୋଇଥିବା ଅବସ୍ଥାରେ ସହପାଠୀ ଆଖିରେ ଫେଭିକୁଇକ୍ ଅଠା ଲଗାଇ ଦେବାରୁ ୮ ଛାତ୍ରଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ଗୋଛାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ର ଭର୍ତ୍ତି କରାଯାଇ ପରେ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଏନେଇ ଅଭିଭାବକ ଓ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

ସୂଚନା ଅନୁସାରେ, ଗୁରୁବାର ରାତିରେ କିଛି ଛାତ୍ର ହଷ୍ଟେଲ ଗେଟ୍ ବାହାରକୁ ଯାଇ କୌଣସି ଏକ ଦୋକାନରୁ ଫେଭିକୁଇକ ଅଠା କିଣି ହଷ୍ଟେଲକୁ ଯାଇଥିଲେ। ହଷ୍ଟେଲରେ କେହି ଶିକ୍ଷକ ନଥିବାରୁ ନେଇଥିବା ଫେଭିକୁଇକ୍ ଅଠାକୁ ଶୋଇଥିବା ଅବସ୍ଥାରେ ତୃତୀୟ ଓ ଚତୁର୍ଥ ଶ୍ରେଣୀର ୮ ଛାତ୍ରଙ୍କ ଆଖିରେ ଲଗାଇଦେଇଥିଲେ। ଅଠା ଲାଗିଯିବାରୁ ସେମାନେ କିଛି ଦେଖି ପାରିନଥଲେ। ଏଥିରେ ଆଠ ଛାତ୍ର ଗୁରୁତର ଅସୁସ୍ଥ ହୋଇପଡ଼ିଥିଲେ। ଏହି ଘଟଣା ପରେ ଶୁକ୍ରବାର ସଲାଗୁଡ଼ା ସରପଞ୍ଚ ରୋହିତ କହଁର ବିଦ୍ୟାଳୟରୁ ନିଜ ଗାଡ଼ିରେ ଅସୁସ୍ଥ ଛାତ୍ରଙ୍କୁ ପ୍ରଥମେ ଗୋଛାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ୮ ଜଣ ଛାତ୍ରଙ୍କ ମଧ୍ୟରୁ ଜଣେ ଛାତ୍ର ଗୋଛାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ସୁସ୍ଥ ହେବାରୁ ବିଦ୍ୟାଳୟକୁ ଫେରିଥିଲେ। ୭ ଜଣ ଛାତ୍ରଙ୍କ ଫୁଲବାଣୀ ମେଡିକାଲରେ ଚିକିତ୍ସା ଚାଲିଥିବାବେଳେ ଜଣେ ତୃତୀୟ ଶ୍ରେଣୀ ଛାତ୍ରଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡିଛି। ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପ୍ରଧାନଶିକ୍ଷକ ମନୋରଞ୍ଜନ ସାହୁ, ସଲାଗୁଡା ସରପଞ୍ଚ ରୋହିତ କହଁର ଉପସ୍ଥିତ ଥିବା ବେଳେ ଫିରିଙ୍ଗିଆ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଇପ୍‌ସିତା ଜେନା ଓ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ରବିନାରାୟଣ ମିଶ୍ର ପହଞ୍ଚି ପିଲାଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଛନ୍ତି। ବିଦ୍ୟାଳୟ ଓ ହଷ୍ଟେଲରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠପଢ଼ା ହେଉଥିବା ବେଳେ ହଷ୍ଟେଲରେ ଶହେ ଜଣ ଛାତ୍ରଛାତ୍ରୀ ଓ ଡେ' ସ୍କଲାରରେ ୪୦ଜଣ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ବିଦ୍ୟାଳୟର ଅବ୍ୟବସ୍ଥା ଯୋଗୁ ଓ ଶିକ୍ଷକ ରହୁନଥିବାରୁ ଏଭଳି ଘଟିଥିବା ଅଭିଯୋଗ ହୋଇଛି।

ସ୍ଥାନୀୟ ସରପଞ୍ଚ ମଧ୍ୟ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ରହୁନଥିବା ଏବଂ ଶିକ୍ଷକମାନେ ପାଳି କରି ଆସୁଥିବା ନେଇ ବିଡ଼ିଓଙ୍କ ଠାରୁ ଆରମ୍ଭ କରି ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଏବଂ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଥିଲେ ମଧ୍ୟ କେହି ଶୁଣୁନଥିବା ଅଭିଯୋଗ କରିଛନ୍ତି। ଫୁଲବାଣୀ ମେଡିକାଲରେ ବିଧାୟକ ଉମା ଚରଣ ମଲିକ ପହଞ୍ଚି ଛାତ୍ରଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଥିଲେ।

**୮ ଛାତ୍ର ଅସୁସ୍ଥ; ପ୍ରଧାନଶିକ୍ଷକଙ୍କ ଅବହେଳାକୁ ଦାୟୀକଲେ ଅଭିଭାବକ**



# ଏପ୍ରିଲରୁ ହରିଶ୍ଚନ୍ଦ୍ର ଯୋଜନା ବନ୍ଦ!

**● ୩୧୨ ପରିବାର ପାଇନାହାନ୍ତି ସହାୟତା**

ଶେରଗଡ,୧୨।୯ (ସମିସ): ରାଜ୍ୟ ସରକାର କୌଣସି ଗରିବ, ଅସହାୟ ଲୋକଙ୍କ ମୃତ୍ୟୁ ହେଲେ ଶବ ସଂସ୍କାର ନିମନ୍ତେ ସହାୟତା ପାଇଁ ପ୍ରଣୟନ କରିଥିଲେ ହରିଶ୍ଚନ୍ଦ୍ର ଯୋଜନା। ଉକ୍ତ ପଞ୍ଚାୟତର ସରପଞ୍ଚ ୨ରୁ ୩ ହଜାର ଟଙ୍କା ଆର୍ଥିକ ସହାୟତା ମୃତକଙ୍କ ପରିବାରକୁ ଯୋଗାଇ ଦେବାର ନିୟମ ରହିଛି। ହେଲେ ଗତ ଏପ୍ରିଲ ମାସଠାରୁ ବର୍ତ୍ତମାନ ସୁଦ୍ଧା ଅନେକ ପରିବାର ଏହି ହରିଶ୍ଚନ୍ଦ୍ର ଯୋଜନାରେ ଅର୍ଥ ପାଇନାହାନ୍ତି। ଗତ ଏପ୍ରିଲ୍‌ଠାରୁ ଏନେଇ ଅର୍ଥ ଆସୁନଥିବା ବେଳେ ବର୍ତ୍ତମାନ ମୃତ୍ୟୁବରଣ କରୁଥିବା ଅସହାୟ ପରିବାର ହରିଶ୍ଚନ୍ଦ୍ର ଯୋଜନା ଲାଗି ଆବେଦନ କରିବାକୁ ଗଲେ ଏହି ଯୋଜନା ଗତ ଏପ୍ରିଲ୍‌ଠାରୁ ବନ୍ଦ ହୋଇଯାଇଛି ବୋଲି ଅଧିକାରୀ କହୁଛନ୍ତି। ଏନେଇ ସ୍ଥାନୀୟ ବିଡ଼ିଓ ତୃପ୍ତିମୟୀ ଜେନାଙ୍କୁ ପଚାରିବାରୁ, ଏହି ଯୋଜନାରେ ଆସୁଥିବା ଅର୍ଥ ଗତ ଏପ୍ରିଲ୍‌ଠାରୁ କୌଣସି କାରଣରୁ ଆସିପାରୁନାହିଁ। ଏନେଇ ଆମେ ରାଜ୍ୟ ସରକାରଙ୍କୁ ଅବଗତ କରାଇଛୁ ଏବଂ ତୁରନ୍ତ ସମାଧାନ ହେବ ବୋଲି ପ୍ରକାଶ କରିଥିଲେ। ତେଣୁ ଏଦିଗରେ ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ଅପେକ୍ଷାରେ ରହିଥିବା ୩୧୨ ମୃତକଙ୍କ ପରିବାରକୁ ସହାୟତା ଯୋଗାଇବାକୁ ଦାବି ହେଉଛି।

# ବେତାରସିଂ ଗୁଳିକାଣ୍ଡ ଘଟଣାରେ ୩ ଗିରଫ

ବୁଗୁଡା,୧୨।୯ (ସମିସ): ବୁଗୁଡ଼ା ଥାନା ଅନ୍ତର୍ଗତ ବେତାରସିଂ ଗ୍ରାମର ଏକ ଭୋଜିରେ ଗଣ୍ଡଗୋଳ ଏବଂ ଗୁଳିକାଣ୍ଡ ଘଟଣାରେ ପୁଲିସ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଘଟଣାରେ ବ୍ୟବହୃତ ଗୋଟିଏ ପିସ୍ତଲ ଏବଂ ଦୁଇଟି ବାଇକ ଜବତ କରିଥିବା ଜଣାଯାଇଛି। ଗିରଫ ଅଭିଯୁକ୍ତ ତିନିଜଣ ହେଲେ ବେତାରସିଂ ଗ୍ରାମର ସିଲୁ ଭୂୟାଁ(୩୦) ଓ ରାଜା ଜେନା (୨୮) ଏବଂ ବୁଗୁଡା ରଘୁନାଥ ସାହିର ରାଜା ସାହୁ (୩୦)। ଏ ନେଇ ବୁଗୁଡା ଥାନାରେ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କଠାରୁ ପ୍ରକାଶ ପାଇଛି। ପ୍ରକାଶ ଯେ, ଗତ ୧୦ ତାରିଖ ରାତିରେ ବେତାରସିଂ ଗାଁ ନୂଆଁସାହିର ଗଣେଶ ମେଢ଼ ବିସର୍ଜନ ପରେ ଏକ ଭୋଜିର ଆୟୋଜନ ହୋଇଥିଲା। ସେହି ଭୋଜିରେ ବେତାରସିଂ ଗ୍ରାମର ପାଣ୍ଡବ ଚରଣ ସ୍ୱାଇଁଙ୍କ ସହ ଏହି ତିନିଜଣ ମଦ ପିଇ ଗଣ୍ଡଗୋଳ କରି ଫେରିଥିଲେ। ପରେ ରାଜା ସାହୁ ଓ ସିଲୁ ଭୂୟାଁ ପିସ୍ତଲ ଧରି ଏବଂ ରାଜା ଜେନା ବାଇକ୍‌ରେ ଯାଇ ପାଣ୍ଡବଙ୍କ ଘରେ ପହଞ୍ଚିଥିଲେ। ସେଠାରେ ସେମାନେ ପାଣ୍ଡବଙ୍କୁ ଗାଳିଗୁଲଜ କରିବା ସହ ସିଲୁ ତାଙ୍କ ଉପରକୁ ଗୁଳିମାଡ କରିଥିଲା। ଗୁଳିଟି ଲକ୍ଷ୍ୟଚ୍ୟୁତ ହୋଇ ସେ ବସିଥିବା ଚେୟାରରେ ବାଜିଥିଲା। ଗୁଳି ଫୁଟିବା ଶବ୍ଦ ଶୁଣି ଆଖପାଖରେ ଥିବା ଲୋକେ ସେଠାରେ ପହଞ୍ଚି ଯିବାରୁ ସେ ତିନିହେଁ ସେଠାରୁ ପୁଣି ଧମକ ଦେଇ ପଳାଇଥିଲେ। ଏ ନେଇ ପାଣ୍ଡବ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏସ୍‌ଆଇ ଜ୍ୟୋତିଶ୍ରୀ ସାହୁଙ୍କ ଦ୍ୱାରା ଘଟଣାର ତଦନ୍ତ କରାଯାଇ ସେମାନଙ୍କୁ ଗିରଫ ସହ କୋର୍ଟ ଚାଲାଣ କରାଯାଇଛି।

**ପିସ୍ତଲ ସହ ୨ ବାଇକ୍ ଜବତ**

# ନବରାତ୍ରି ପୂଜା ନିମନ୍ତେ ପ୍ରସ୍ତୁତି ବୈଠକ

କୁକୁଡାଖଣ୍ଡି,୧୨।୯ (ସମିସ): କୁକୁଡାଖଣ୍ଡି ବ୍ଲକ ଅନନ୍ତାଇ ପଞ୍ଚାୟତ ଅଧୀନସ୍ତ କେରାଣ୍ଡିମାଳ ପାହାଡ ଅଞ୍ଚଳରେ ପୂଜା ପାଉଥିବା ମା' ମହୁରୀ କାଳୁଆ ପୀଠରେ ନବରାତ୍ର ପୂଜା ନିମନ୍ତେ ପ୍ରସ୍ତୁତି ବୈଠକ ମନ୍ଦିର ନୂତନ ସଭାପତି ପ୍ରମୋଦ ପଟ୍ଟନାୟକ ଏବଂ କୋଷାଧକ୍ଷ କାମେଶ୍ୱର ବିଶ୍ୱାଳଙ୍କ ସହଯୋଗରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ନବରାତ୍ର ପୂଜାର୍ଚ୍ଚନା ସହ ଉତ୍ସବ ସୁରୁଖୁରୁରେ ସମାପନ ଓ ଭକ୍ତଙ୍କ ସୁରକ୍ଷା ଓ ଶୃଙ୍ଖଳିତ ନୀତିକାନ୍ତି ପାଇଁ ନବରାତ୍ରି କମିଟି ଗଠନ ହୋଇଛି। ଭକ୍ତଙ୍କୁ ଦର୍ଶନ ଲାଗି ଧାଡ଼ି ବ୍ୟବସ୍ଥା, ପ୍ରସାଦ ସେବନ ଉପରେ ବୈଠକରେ ଚୁଡାନ୍ତ ନିଷ୍ପତ୍ତି ନିଆଯାଇଛି। ବୈଠକରେ ଚିନ୍ତାମଣି, ନାରାୟଣ ବିଶୋଇ, ନିରଞ୍ଜନ ମହାନ୍ତି, ସାଇପ୍ରସାଦ ପାତ୍ର, କୁନା ବିଶୋଇ, ହରିକୃଷ୍ଣ କୋଠିଆ, କିଶୋର ଚନ୍ଦ୍ର ପାତ୍ର ଓ କୁକୁଡ଼ାଖଣ୍ଡି ସରପଞ୍ଚ ଉପସ୍ଥିତ ଥିଲେ।

**ଡୁଡୁମା କଲୋନୀରେ ଅସ୍ଥାୟୀ ବସ୍‌ଷ୍ଟାଣ୍ଡ ନିର୍ମାଣ ଘଟଣା**

# ଘରୋଇ ବସ୍ ମାଲିକଙ୍କ ମନରେ ଦ୍ୱନ୍ଦ୍ୱ

■ ବିଧାୟକ, ବିଇଡିଏ ସଚିବ ଓ ଏସ୍‌ପିଙ୍କ ସହ ଏକ୍ସପ୍ରେସ ବସ୍ ମାଲିକଙ୍କ ଆଲୋଚନା ■ ମାଣ୍ଡିଆପଲ୍ଲୀ ହନୁମାନ ମନ୍ଦିରରେ ଶତାଧିକ ଘରୋଇ ବସ୍ ମାଲିକଙ୍କ ମେଳି

ବ୍ରହ୍ମପୁର,୧୨।୯ (ସମିସ): ବ୍ରହ୍ମପୁର ସହରର ଅନ୍ୟତମ ପ୍ରମୁଖ ତଥା ବ୍ୟସ୍ତବହୁଳ ଛକ ଗେଟବଜାର। ଦିଗପହଣ୍ଡି ଓ ଆସିକା ଅଞ୍ଚଳରୁ ନିୟମିତ ଶତାଧିକ ବସ ଏହି ରାସ୍ତା ଦେଇ ସହରକୁ ପ୍ରବେଶ ଯୋଗୁ ଟ୍ରାଫିକ ସମସ୍ୟା ଜଟିଳ ହୋଇଥାଏ। ଏହାକୁ ଦୃଷ୍ଟିରେ ରଖି ଗେଟ ବଜାର ଛକରେ ଏକ ଫ୍ଲାଏଓଭର ନିର୍ମାଣ କରାଯାଉଛି। କାମ ଆରମ୍ଭ ହୋଇଥିବା ବେଳେ ଦିଗପହଣ୍ଡି ଓ ଆସିକା ପଟୁ ବ୍ରହ୍ମପୁର ସହରକୁ ଭାରିଯାନ ଯାତାୟାତ ପ୍ରଭାବିତ ହେବ। ଏଣୁ ବ୍ରହ୍ମପୁର ବାହାରେ ଡୁଡୁମା କଲୋନୀରେ ଥିବା ପ୍ରାୟ ୫ଏକର ସରକାରୀ ଜମିରେ ଅସ୍ଥାୟୀ ବସ୍‌ଷ୍ଟାଣ୍ଡ କାମ ଚାଲିଛି। ଏଠାରେ ପ୍ରାୟ ୨ ଶହରୁ ଅଧିକ ବସ୍ ରହିବାର ବ୍ୟବସ୍ଥା କରାଯାଉଛି। ସେପଟେ ପୁରୁଷୋତ୍ତମପୁର, ଆନ୍ଧ୍ର ଓ ଜାତୀୟ ରାଜପଥରେ ଭୁବନେଶ୍ୱରରୁ ବ୍ରହ୍ମପୁରକୁ ଆସୁଥିବା ବସ୍ ଗୁଡିକ ପାଇଁ କ'ଣ ବିକଳ୍ପ ବ୍ୟବସ୍ଥା କରାଯିବ ନିଷ୍ପତ୍ତି ନିଆଯାଇନାହିଁ। ତଥାପି ଏହି ଦିଗରୁ ଆସୁଥିବା ପ୍ରାୟ ୩ଶହରୁ ଅଧିକ ବସ୍‌କୁ କାଲେ ସହର ବାହାରେ ହଳଦିଆପଦର ଠାରେ ଥିବା ବସ ଟର୍ମିନାଲ୍‌କୁ ଯିବାକୁ ପଡିବ ଏନେଇ ଆଶଙ୍କା ସୃଷ୍ଟି ହୋଇଛି। ଯାହାକୁ ନେଇ ଘରୋଇ ବସମାଲିକଙ୍କ ମଧ୍ୟରେ ଭାଳେଣି ପଡିଛି। ଏକ୍ସପ୍ରେସ ବସ୍ ମାଲିକମାନେ ତଥା ଗଞ୍ଜାମ ଜିଲ୍ଲା ଘରୋଇ ବସ୍ ମାଲିକଙ୍କ ପକ୍ଷରୁ ଏକ ପ୍ରତିନିଧି ଦଳ ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାର, ବିଇଡିଏ ସଚିବ ରମେଶ ହାଂସଦା ଓ ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ୍‌ଙ୍କୁ ପୃଥକ ପୃଥକ ଭାବେ ସାକ୍ଷାତ କରିଛନ୍ତି। ଗେଟବଜାର ଫ୍ଲାଏଓଭର ନିର୍ମାଣ ସମୟରେ ଭୁବନେଶ୍ୱର ଓ ଆନ୍ଧ୍ର ପଟୁ ସହରକୁ ଆସୁଥିବା ବସ୍‌ଗୁଡିକୁ ହଳଦିଆପଦରକୁ ସ୍ଥାନାନ୍ତର ନକରି ବରଂ ନୂଆବସଷ୍ଟାଣ୍ଡ ପର୍ଯ୍ୟନ୍ତ ଆସି ପୁଣି ସେଠାରୁ କୋର୍ଟପେଟା ଛକ ଦେଇ ଫେରିବାକୁ ସୁଯୋଗ ଦିଆଯାଉ ବୋଲି ନିବେଦନ କରାଯାଇଛି। ସେହିଭଳି ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାର ଏନେଇ ଲାଞ୍ଜିପଲ୍ଲୀ ଠାରୁ ଆଙ୍କୁଲି ରାସ୍ତାରେ ଥିବା ପୁରୁଣା ଜେଲ ଟ୍ରେନିଂ ସ୍କୁଲର ଖେଳପଡିଆକୁ ଅନ୍ୟ ଏକ ବିକଳ୍ପ ବୋଲି ପ୍ରସ୍ତାବ ଦେଇଥିବା ଜଣାପଡିଛି।

ଗଞ୍ଜାମ ବସ୍ ମାଲିକ ସଂଘର ସଭାପତି ଟୁଟୁ ପଟ୍ଟନାୟକଙ୍କ କହିବା କଥା ହଳଦିଆପଦରକୁ ବସ୍‌ଗୁଡିକ ଗଲେ ଯାତ୍ରୀଙ୍କ ସହିତ ବସମାଲିକ ଓ କର୍ମଚାରୀଙ୍କୁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡିବ। ଏଣୁ ଡୁଡୁମା କଲୋନୀ ଠାରେ ଅସ୍ଥାୟୀ ବସଷ୍ଟାଣ୍ଡ କାର୍ଯ୍ୟକ୍ଷମ ହେଲେ ସହର ମଧ୍ୟକୁ ଆସୁଥିବା ବସ୍ ସଂଖ୍ୟା ଶତକଡା ୬୦ଭାଗ ହ୍ରାସ ପାଇବ। ଏଣୁ ଏହି ବସଗୁଡିକୁ ସହରକୁ ଆସି ପୁଣି ଫେରିଯିବାରେ ସମସ୍ୟା ରହିବ ନାହିଁ।

ସେପଟେ ଗେଟବଜାର ଛକରେ ଏକ ଫ୍ଲାଏଓଭର ନିର୍ମାଣ ଅତ୍ୟନ୍ତ ଜରୁରୀ। ଏହାକୁ ସମସ୍ତ ବସ୍ ମାଲିକ ସ୍ୱାଗତ କରୁଛନ୍ତି। ତେବେ ସମସ୍ତଙ୍କ ସୁବିଧା ଦୃଷ୍ଟିରୁ ପ୍ରଶାସନ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଟୁଟୁ ପଟ୍ଟନାୟକ ଅନୁରୋଧ କରିଛନ୍ତି। ସେହିଭଳି ମାଣ୍ଡିଆପଲ୍ଲୀ ସ୍ଥିତ ହନୁମାନ ମନ୍ଦିର ପ୍ରାଙ୍ଗଣରେ ପୁରୁଷୋତ୍ତମପୁର, ଆନ୍ଧ୍ରରୁ ଆସୁଥିବା ଘରୋଇ ବସ୍ ମାଲିକ ଓ ସିଟିବସ ମାଲିକଙ୍କ ସମେତ ବିଭିନ୍ନ ସଂଘର ସଦସ୍ୟଙ୍କୁ ନେଇ ଏକ ବୈଠକ ବସିଥିଲା। ବୈଠକରେ ସନ୍ତୋଷ ପତି, ଶରତ ସାହୁ, ରଜନୀ ପାତ୍ର, ସୀମାଞ୍ଚଳ ପୃଷ୍ଟି, ଅରକ୍ଷିତ ଜେନା, ଉମାକାନ୍ତ ବେହେରା, ପରଭେଜ ଇଲ୍ଲାହୀ ଓ ସମୀର କୁମାର ମିଶ୍ର ପ୍ରମୁଖଙ୍କ ସମେତ ଶତାଧିକ ବସ୍ ମାଲିକ ଉପସ୍ଥିତ ଥିଲେ। ବୈଠକରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଥିଲେ ହେଁ କୌଣସି ପରିସ୍ଥିତିରେ ହଳଦିଆପଦର ବସ ଟର୍ମିନାଲ୍‌କୁ ଯିବାକୁ କେହି ପ୍ରସ୍ତୁତ ନଥିବା ଜଣାପଡିଛି। ତେବେ ବ୍ରହ୍ମପୁର ସହରକୁ କୋର୍ଟପେଟା ଛକ ଦେଇ ନୂଆ ବସ୍‌ଷ୍ଟାଣ୍ଡକୁ ଆସି ପୁଣି ସେହି ରାସ୍ତାରେ ଫେରିବାକୁ ଅନୁମତି ଦେବାକୁ ପ୍ରଶାସନ ନିକଟରେ ନିବେଦନ କରିଛନ୍ତି। ଫ୍ଲାଏଓଭର ନିର୍ମାଣ ସହିତ ଅସ୍ଥାୟୀ ବସଷ୍ଟାଣ୍ଡ ନିର୍ମାଣ ପରେ ବସ୍‌ମାଲିକଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ଲାଗି ରହିଛି। ଯଦିଓ ସେମାନଙ୍କୁ ବିଇଡିଏ କିମ୍ବା ପ୍ରଶାସନ ପକ୍ଷରୁ କୌଣସି ସମୟସୀମା ଦିଆଯାଇନାହିଁ କିମ୍ବା ନୋଟିସ ମଧ୍ୟ ଦିଆଯାଇନାହିଁ। ତେବେ ନୂଆ ବସଷ୍ଟାଣ୍ଡକୁ ବନ୍ଦ କରିବା ନେଇ ମଧ୍ୟ ପ୍ରଶାସନିକ ସ୍ତରରେ କୌଣସି ନିଷ୍ପତ୍ତି ହୋଇନଥିବା ସ୍ପଷ୍ଟ କରିଛନ୍ତି ବିଇଡିଏ ସଚିବ ରମେଶ ହାଂସଦା। ବସ ମାଲିକଙ୍କ ସହ ଆଲୋଚନା ହୋଇଛି। ନୂଆ ବସଷ୍ଟାଣ୍ଡରେ ଏବଂ ଅସ୍ଥାୟୀ ବସଷ୍ଟାଣ୍ଡରେ ଯାତ୍ରୀଙ୍କ ସୁବିଧା ପାଇଁ ଆବଶ୍ୟକ ବନ୍ଦୋବସ୍ତ କରାଯାଉଛି। କେବଳ ବସଷ୍ଟାଣ୍ଡକୁ ବନ୍ଦ କରିଦେଲେ ହେବନାହିଁ ତାହା ପୂର୍ବରୁ ତାହା ଉପରେ ନିର୍ଭର କରୁଥିବା ବ୍ୟବସାୟୀ ଓ ଯାତ୍ରୀଙ୍କ ସୁବିଧାକୁ ମଧ୍ୟ ପ୍ରାଥମିକତା ଦେବାକୁ ହେବ। ଏଣୁ ଫ୍ଲାଏଓଭର ନିର୍ମାଣକୁ ନେଇ ନୂଆବସଷ୍ଟାଣ୍ଡର କାର୍ଯ୍ୟକାରିତାକୁ ନେଇ ଉଚ୍ଚସ୍ତରୀୟ ଆଲୋଚନା ପରେ ହିଁ କିଛି ନିଷ୍ପତ୍ତି ନିଆଯିବ ବୋଲି କହିଛନ୍ତି ବିଇଡିଏ ସଚିବ ରମେଶ ହାଂସଦା। ବିଇଡିଏ ସଚିବଙ୍କ ଏଭଳି ସୂଚନା ପରେ ଘରୋଇ ବସମାଲିକ ଓ ନୂଆବସଷ୍ଟାଣ୍ଡରେ ବ୍ୟବସାୟ କରି ଗୁଜରଣ ମେଣ୍ଟାଉଥିବା ବ୍ୟବସାୟୀଙ୍କୁ ଏକ ରକମର ଆଶ୍ୱସ୍ତି ମିଳିଛି।



# ସାରକୁ ନେଇ ସମ୍ପାଦକ-ଚାଷୀ ମୁହାଁମୁହିଁ; ଥାନାରେ ଅଭିଯୋଗ

ପାରଳାଖେମୁଣ୍ଡି, ୧୨।୯ (ସମିସ)



ସମଗ୍ର ଗଜପତି ଜିଲ୍ଲାରେ ସାର ଅଭାବ ଦିନକୁ ଦିନ ଉଗ୍ର ହେଉଛି। ଚଳିତ ଖରିଫ ଋତୁରେ ସାର କଳାବଜାରୀ ଠାରୁ ଆରମ୍ଭ କରି ସାର ପାଇଁ ଗଣ୍ଡଗୋଳ ଘଟି ମାମଲା ଥାନାରେ ପହଞ୍ଚିଛି। ଆଜି ଗଜପତି ଜିଲ୍ଲା ଗୋଷାଣି ବ୍ଲକ କାମଧେନୁ ଗ୍ରାମରେ ଏଭଳି ଘଟଣା ଦେଖିବାକୁ ମିଳିଛି। ସାର ନପାଇ ତହଲବିକଳ ହେଉଥିବା ଚାଷୀ ସୋସାଇଟି ସମ୍ପାଦକଙ୍କ ସହ ଯୁକ୍ତିତର୍କ କରିଥିଲେ। ଚାଷୀଙ୍କ ଅଭିଯୋଗ ପ୍ରକାରେ କାମଧେନୁ ସୋସାଇଟିର ସମ୍ପାଦକଙ୍କ ଅବସର ଗ୍ରହଣ ପରେ ଶରଧାପୁର ସୋସାଇଟିର ସମ୍ପାଦକ କେ.ଖଗେଶ୍ୱର ଦାୟିତ୍ୱରେ ଅଛନ୍ତି। ସେ ଉଭୟ ସୋସାଇଟିର ଦାୟିତ୍ୱରେ ରହିଥିଲେ ମଧ୍ୟ ଶରଧାପୁର ଠାରେ ରହି କାର୍ଯ୍ୟ ସମ୍ପାଦନ କରୁଛନ୍ତି। କାମଧେନୁ ସୋସାଇଟିକୁ ୫୬୦ କ୍ୱିଣ୍ଟାଲ ୟୁରିଆ ଓ ଅଣ୍ ୟୁରିଆ ଆସିଥିଲା। ଯାହାକୁ କାମଧେନୁ ସ୍ଥିତ ଗୋଦାମରେ ସମ୍ପାଦକ ୟୁରିଆକୁ ନରଖି ଶରଧାପୁର ପଞ୍ଚାୟତ ଅନ୍ତର୍ଗତ ଗଜପତିନଗର ଗ୍ରାମରେ ଥିବା ଏକ ଭଡ଼ା ଘରେ ରଖିଥିଲେ। ଏହିପରି ଗଚ୍ଛିତ ରଖିଥିବା ସାର ସଠିକ୍ ଭାବେ ବିତରଣ କରିପାରିନଥିବା ଓ କୌଣସି ଅନ୍ୟ ଉଦ୍ଦେଶ୍ୟରେ ଏହା ରଖାଯାଇଥିବା ଅଭିଯୋଗ କରି ଚାଷୀମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଅନୁଯାୟୀ ଯେଉଁ ଚାଷୀମାନେ ଋଣ ନେଇଛନ୍ତି ସେମାନଙ୍କୁ ୪ ବସ୍ତା ୟୁରିଆ ଏବଂ ଗୋଟିଏ ନନ୍ ୟୁରିଆ ଦେବାକୁ ସ୍ଥିର ହୋଇଛି। ଯେଉଁ ଚାଷୀମାନେ ଋଣ ନେଇନାହାନ୍ତି ସେମାନଙ୍କୁ ଗୋଟିଏ ଲେଖାଏଁ ବସ୍ତା ଦେବାକୁ ନିର୍ଦ୍ଦେଶ ରହିଛି। ତେବେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଅନୁଯାୟୀ ସମ୍ପାଦକ ସାର ବିତରଣ କରିଥିବା ସୋସାଇଟିର ସମ୍ପାଦକ କହିଥିଲେ। କାମଧେନୁ ସୋସାଇଟିର ସାର କାହିଁକି ଗଜପତିନଗର ଠାରେ ରଖାଗଲା ବୋଲି ପ୍ରଶ୍ନ କରିବା ସହ ସମ୍ପାଦକ ମନ୍ଦ ଉଦ୍ଦେଶ୍ୟ ରଖି ଏପରି କରୁଥିବା ଅଭିଯୋଗ କରି ପ୍ରତିବାଦ ଆରମ୍ଭ ହୋଇଥିଲା।

ଅନ୍ୟପକ୍ଷରେ ଗଜପତିନଗରରେ ରଖି ବଣ୍ଟନ କରାଯାଉଥିବାରୁ କାମଧେନୁ, ୟୁବରାଜପୁର ଆଦି ଗ୍ରାମର ଚାଷୀ ସାର ପରିବହନ ପାଇଁ ଖର୍ଚ୍ଚାନ୍ତ ଏବଂ ଲମ୍ବାରାସ୍ତା ପଡୁଛି। ଏପରି ଦୂରରୁ ଆଣିବାକୁ ଖର୍ଚ୍ଚାନ୍ତ ହେଉଥିବା ଯୋଗୁଁ ଚାଷୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବାରୁ ଉତ୍ତେଜିତ ହୋଇଥିଲେ। ପରେ ଉତ୍ତେଜିତ ଚାଷୀ କାମଧେନୁ ସୋସାଇଟି କାର୍ଯ୍ୟାଳୟରେ ତାଲାପକାଇ ଦେଇଥିଲେ। ପରେ ଗୁରାଣ୍ଡି ଥାନାରେ ଉଭୟ ପକ୍ଷରୁ ପୃଥକ ପୃଥକ ଅଭିଯୋଗ ଦାଖଲ ହୋଇଛି। ଗୁରାଣ୍ଡି ପୁଲିସ ଏନେଇ ଘଟଣାର ତଦନ୍ତ ଆରମ୍ଭ କରିଛି।

## ଦୁର୍ଗାପୂଜା ପାଇଁ ଶୁଭଖୁଣ୍ଟି ସ୍ଥାପନ

ଚକାପାଦ, ୧୨।୯ (ସମିସ): ଚକାପାଦ ବ୍ଲକ କୁସୁମେଣ୍ଡି ପଞ୍ଚାୟତ ଲାଇନପଡ଼ାରେ ୪୦ତମ ଦୁର୍ଗା ପୂଜା ଉପଲକ୍ଷେ ସଭାପତି ଦିବ୍ୟ ସିଂ ମଲ୍ଲିକ, କର୍ତ୍ତା ପଞ୍ଚାନନ ସାହୁଙ୍କ ଉପସ୍ଥିତରେ ଶୁକ୍ରବାର ପୁରୋହିତ ଅବନୀ କୁମାର ଦାସଙ୍କ ପୌରୋହିତ୍ୟରେ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। କମିଟି ସଦସ୍ୟ ସନ୍ତୋଷ ଭୋଇ, ବିନୋଦ ବିହାରୀ ନାଏକ, ରାଜେନ୍ଦ୍ର ନାରାୟଣ ବେହେରା, ନରେନ୍ଦ୍ର ନାଏକ, ଘାସିରାମ ନାଏକ, ପ୍ରଦୀପ ଚିନାରା, ଦାନ ବିହାରୀ ନାଏକ, ସନ୍ତୋଷ କୁମାର ସାହୁ, ସରୋଜ କୁମାର ସାହୁ, ସୁବାସ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



● ଅର୍ଥ ହେରଫେର ମାମଲା

## ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଦୋଷୀ ସାବ୍ୟସ୍ତ

ପାରଳାଖେମୁଣ୍ଡି, ୧୨।୯ (ସମିସ): ଗୁମ୍ମା ବ୍ଲକର ତତ୍କାଳୀନ ବିଡ଼ିଓ ନଟବର ଗରଡ଼ ୨୦୨୦ ଜୁନ୍ ୪ରେ ତତ୍କାଳୀନ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଏସ. ରାବଣମ୍ମାଙ୍କ ବିରୋଧରେ ଅର୍ଥ ହେରଫେର ଅଭିଯୋଗ ଆଣିଥିଲେ। ସେ ନିଜ ପଦମର୍ଯ୍ୟାଦାର ଅପବ୍ୟବହାର କରି ୪୦ଲକ୍ଷ ୫ ହଜାର ୭ ଶହ ଟଙ୍କା ଆତ୍ମସାତ କରିଥିବା ଅଭିଯୋଗ କରିଥିଲେ। ଏ ନେଇ ଏକ ମାମଲା ସେରଙ୍ଗ ଥାନାରେ ରୁଜୁ ହୋଇଥିଲା। ଏସ୍ଆଇ ଡ଼ି. ଗଜପତି ଦ୍ୱାରା ତଦନ୍ତ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲେ। ୧୭ଜଣ ସାକ୍ଷୀଙ୍କ ବୟାନ ଓ ପ୍ରମାଣକୁ ଭିତ୍ତି କରି ଏହି ମାମଲାର ଶୁଣାଣି କରି ସିଜେଏମ ତଥା ଆସିଷ୍ଟାଣ୍ଟ ସେସନ ଜଜ୍ ନରୋତ୍ତମ ସେଠୀ ଉକ୍ତ ମହିଳା କର୍ମଚାରୀଙ୍କୁ ଦୋଷୀ ସାବ୍ୟସ୍ତ କରି ୩ ବର୍ଷ ସଶ୍ରମ କାରାଦଣ୍ଡ ସହ ୧୦ଲକ୍ଷ ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଅଧିକ ବର୍ଷେ ସଶ୍ରମ କାରାଦଣ୍ଡ ଶୁଣାଇଛନ୍ତି। ଏହାବ୍ୟତୀତ ସିଜେଏମ୍ ଉଦାହରଣ ସୃଷ୍ଟି କରିବାକୁ ଯାଇ ନିଜ ବିଚାରରେ ଉଲ୍ଲେଖ କରିଛନ୍ତି ଯେ, ଏହି ଜରିମାନା ଅର୍ଥରାଶି ଗୁମ୍ମା ପଞ୍ଚାୟତର ସାଧାରଣ ଜନତାଙ୍କ ଉନ୍ନତିମୂଳକ କାର୍ଯ୍ୟରେ ବିନିଯୋଗ କରାଯିବ। ସରକାରଙ୍କ ପକ୍ଷରୁ ଏପିପି ଆର. ଉଦୟଚନ୍ଦ୍ର ରାଓ ଏହି ମାମଲାର ପରିଚାଳନା କରିଥିଲେ ବୋଲି ଭାରପ୍ରାପ୍ତ କ୍ୟାଡ଼ର ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ର ସୂଚନା ଦେଇଛନ୍ତି।

**ଜରିମାନା ଅର୍ଥ ପଞ୍ଚାୟତବାସୀଙ୍କ ପାଇଁ ଖର୍ଚ୍ଚ କରିବାକୁ ବିଚାରପତିଙ୍କ ନିର୍ଦ୍ଦେଶ**

## ନାଳରେ ବୁଡ଼ି ଯୁବକ ମୃତ

ଫିରିଙ୍ଗିଆ, ୧୨।୯ (ସମିସ): ଗୋଚ୍ଛାପଡ଼ା ଥାନା ଡାଗାରସୁଗା ଗାଁରେ ଜଣେ ୨୨ ବର୍ଷୀୟ ଯୁବକ ଗାଧୋଇବାକୁ ଯାଇ ନାଳରେ ବୁଡ଼ି ପ୍ରାଣ ହରାଇଛନ୍ତି। ସେ ହେଲେ ଜି.ଉଦୟଗିରି ଥାନା କୁର୍ମିଙ୍ଗିଆ ଗାଁର ଇମରାନ ପ୍ରଧାନ। କଟିଙ୍ଗିଆ ପଞ୍ଚାୟତର ଡାଗାରସୁଗା ଗାଁକୁ ସେ କୁଣିଆ ଭାବେ ଆସିଥିଲେ। ଶୁକ୍ରବାର ୧୧ଟା ବେଳେ ଗାଁର ଜଣେ ଯୁବକଙ୍କ ସହ ନିକଟସ୍ଥ ନାଳକୁ ଗାଧୋଇ ଯାଇ ବୁଡ଼ି ଯାଇଥିଲେ। ସାଙ୍ଗରେ ଥିବା ଯୁବକ ମୃତ ଯୁବକଙ୍କ ସମ୍ପର୍କିୟଙ୍କ ପରିବାରକୁ ଜଣାଇବା ପରେ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ପାଣିରୁ ଉଦ୍ଧାର କରି ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ଇମ୍ରାନଙ୍କୁ ମୃତ ଘୋଷଣା କରିଥିଲେ। ମୃତ ଯୁବକଙ୍କ ପିଉଷୀ ଗୋଚ୍ଛାପଡ଼ା ଥାନାରେ ଜଣାଇବା ପରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମୃତ ଯୁବକଙ୍କ ପରିବାର ଲୋକେ ଫୁଲବାଣୀ ମେଡିକାଲରେ ପହଞ୍ଚିଥିବାବେଳେ ଆସନ୍ତାକାଲି ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ଗୋଚ୍ଛାପଡ଼ା ଥାନା ତରଫରୁ ସୂଚନା ମିଳିଛି।

## ବୋଲେରୋ ସହ ୧୦୮ କେଜି ଗଞ୍ଜେଇ ଜବତ; ଜଣେ ଗିରଫ



ଫିରିଙ୍ଗିଆ, ୧୨।୯ (ସମିସ): ଗୋଚ୍ଛାପଡ଼ା ପୁଲିସ ବୋଲେରୋ ସହ ୧୦୮ କିଲୋ ଗଞ୍ଜେଇ ଜବତ କରି ଗୋଚ୍ଛାପଡ଼ା ଥାନା କୁଲିକୁଡା ଗାଁର ମନୋରଞ୍ଜନ ସାହୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗୁରୁବାର ବିଳମ୍ବିତ ରାତିରେ ଗୋଚ୍ଛାପଡ଼ା ଅଞ୍ଚଳରୁ ବାଲନ୍ଦାପଡ଼ା ଅଞ୍ଚଳକୁ ଗଞ୍ଜେଇ ଚାଲାଣ ଖବର ପାଇ ଥାନା ଅଧିକାରୀ ଚିରଞ୍ଜୀବ ବେହେରାଙ୍କ ନେତୃତ୍ୱରେ ଏକ ଟିମ ବେଲାଡଲି ଛକ ନିକଟରେ ବୋଲେରୋକୁ ଅଟକାଇଥିଲା। ଚାଳକ ଦ୍ରୁତ ଗତିରେ ଖସି ପଳାଉଥିବାବେଳେ ପୁଲିସ୍ ପିଛା କରି କାବୁ କରିଥିଲା। ଚାଳକ ରାସ୍ତା ଉପରେ ଗାଡ଼ି ଛାଡ଼ି ପଳାଇଥିଲା। ଯାଞ୍ଚ ପରେ ଗାଡ଼ିରୁ ୧୦୮ କିଲୋ ଗଞ୍ଜେଇ ମିଳିଥିଲା। ପୁଲିସ ଟ୍ରାକ କରି ଡ୍ରାଇଭରକୁ ଗିରଫ କରିବାରେ ସଫଳ ହୋଇଥିଲା।

## ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି



ନୂଆଗଡ଼, ୧୨।୯ (ସମିସ): ଗଜପତି ଜିଲ୍ଲା ନୂଆଗଡ଼ ପଞ୍ଚାୟତ ସମିତି ସଦଭାବନା ସଭା ଗୃହରେ ମନରେଗା ଏବଂ ଜାତୀୟ ଖାଦ୍ୟ ସୁରକ୍ଷା ଆଇନର ବ୍ଲକ ସ୍ତରୀୟ ସାମାଜିକ ସମୀକ୍ଷା ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରକଳ୍ପ ପ୍ରଶାସକ ଆଇଟିଡିଏଙ୍କ ପ୍ରତିନିଧି କେଦାର କୁମାର ସିଂ, ଜିଲ୍ଲା ସାମାଜିକ ସମୀକ୍ଷା ଅଧିକାରୀ ବାବୁଲା ବିଶୋଇ, ଜିଲ୍ଲା ଆଇଏନଆରଏମ ସଂଯୋଜକ ଅମିୟ କୁମାର ବିଶ୍ୱାଳ, ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରଦ୍ୟୁମ୍ନ କୁମାର ଦାସ, ଭାରପ୍ରାପ୍ତ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ନୃସିଂହ ଚରଣ ମିଶ୍ର ଶିବିର ପରିଚାଳନା କରିଥିଲେ। ପ୍ରଥମେ ୨୦୨୪ ଅକ୍ଟୋବର ପହିଲାରୁ ୨୦୨୫ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ୧୯ଟି ପଞ୍ଚାୟତରେ ହୋଇଥିବା ବିଭିନ୍ନ ବିଭାଗ ଦ୍ୱାରା ମନରେଗା କାର୍ଯ୍ୟର ସମୀକ୍ଷା ବିବରଣୀ ଏପିଓ ଦିଲୀପ କୁମାର ଦାସ ପଠନ କରିଥିଲେ। ବ୍ଲକକୁ ଦାଦନ ପ୍ରବଣ ବ୍ଲକ ଭାବେ ସରକାର ଘୋଷଣା କରିଥିଲେ। କିନ୍ତୁ ୩୦୦ ଦିନର ମଜୁରୀ ପାଇବା ବଦଳରେ ଲୋକେ କେବଳ ୧୦୦ ଦିନର ମଜୁରୀ କାହିଁକି ପାଉଛନ୍ତି ବୋଲି ପ୍ରଶ୍ନ କରିଥିଲେ ବିଭିନ୍ନ ସରପଞ୍ଚ। ଏଥିସହ ଯୋଗାଣ ନିରୀକ୍ଷକ ବାଦଲ ସାମନ୍ତରାୟ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ମାଧ୍ୟମରେ ବ୍ଲକର ୧୩୪୯୨ କାର୍ଡରେ ୫୦୯୧୭ ଜଣ ହିତାଧିକାରୀ ଉପକୃତ ହେଉଥିବା କହିଛନ୍ତି। ୪୭୦ଜଣ କାର୍ଡ ନିମନ୍ତେ ଅନଲାଇନ୍‌ରେ ଆବେଦନ କରିଛନ୍ତି। କାର୍ଯ୍ୟକ୍ରମରେ ଜଙ୍ଗଲ, ଉଦ୍ୟାନ କୃଷି, ମୃତ୍ତିକା ସଂରକ୍ଷଣ, କୃଷି ବିଭାଗ ସମସ୍ତ ପିଆରଆଇ ସଭ୍ୟ, କନିଷ୍ଠ ଯନ୍ତ୍ରୀ, ପିଇଓ, ଜିଆରଏସ୍, ଭିଆରପି, ଗାଁସାଥି ଓ ଜନସାଧାରଣ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଭାରପ୍ରାପ୍ତ ଜିପିଇଓ ନୃସିଂହ ଚରଣ ମିଶ୍ର ଏବଂ ଏପିଓ ଦିଲୀପ କୁମାର ଦାସ ପରିଚାଳନା କରିଥିଲେ।

## ଗଞ୍ଜେଇ ଜବତ ଘଟଣା; ଅଭିଯୁକ୍ତ ଗିରଫ

ମୋହନା, ୧୨।୯ (ସମିସ): ମୋହନା ଥାନା କଲେଜ ଛକରୁ ଗତ ସେପ୍ଟେମ୍ବର ୩ ତାରିଖ ରାତିରେ ପୁଲିସ ଯାନବାହନ ଯାଞ୍ଚବେଳେ ଏକ ପିକ୍ଅପ ଭ୍ୟାନ୍‌ରୁ ୭୨୦ କେଜି ଗଞ୍ଜେଇ ଜବତ କରିଥିଲା। ଏହି ଘଟଣାର ତଦନ୍ତ ଚାଲିଥିବା ବେଳେ ଶୁକ୍ରବାର ଚାଲାଣକାରୀ ଅଭିଯୁକ୍ତ ଅଡ଼ବା ଥାନା ବିରିକୋଟ ପଞ୍ଚାୟତ କମେଙ୍ଗି ଗ୍ରାମର ଲୁଟା ନାୟକକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଅତିଶୀଘ୍ର ଗିରଫ କରାଯିବ ବୋଲି ପୁଲିସ କହିଛି।

● ରାୟଗଡ଼ ପଞ୍ଚାୟତ ସମିତି ବୈଠକ

## ଆର୍‌ଡି ରାସ୍ତା ନିର୍ମାଣ ସୁପାରିସ ପାଇଁ ବିଧାୟକଙ୍କ ପାତରଅନ୍ତର ଅଭିଯୋଗ



ରାୟଗଡ଼, ୧୨।୯ (ସମିସ): ଗଜପତି ଜିଲ୍ଲା ରାୟଗଡ଼ ବ୍ଲକର ସଦ୍‌ଭାବନା ସଭାଗୃହରେ ବୁଧବାର ପଞ୍ଚାୟତ ସମିତିର ୧୪ ତମ ସାଧାରଣ ବୈଠକ ବ୍ଲକ ଅଧ୍ୟକ୍ଷା ପୂର୍ଣ୍ଣବାସୀ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ରାୟଗଡ଼ ବ୍ଲକକୁ ଆର୍‌ଡ଼ି ବିଭାଗ ଦ୍ୱାରା ରାସ୍ତା ନିର୍ମାଣ ପାଇଁ ସ୍ଥାନୀୟ ବିଧାୟକ ଦାଶରଥି ଗମାଙ୍ଗ ସୁପାରିସ କରିବାରେ ପାତରଅନ୍ତର କରୁଥିବା ନେଇ ଗୃହରେ ପଞ୍ଚାୟତ ପ୍ରତିନିଧି ଅଭିଯୋଗ କରିଥିଲେ। ମୋହନା ନିର୍ବାଚନମଣ୍ଡଳୀ ଅଧୀନରେ ୪ବ୍ଲକ ଥିବାବେଳେ ସେଥିମଧ୍ୟରୁ ରାସ୍ତା ନିର୍ମାଣ ପ୍ରସ୍ତାବରେ ରାୟଗଡ଼କୁ ବାଦ୍ ଦେଇ ଅନ୍ୟ ୩ ବ୍ଲକରେ ରାସ୍ତା ନିର୍ମାଣ ପାଇଁ ସୁପାରିଶ କରିଥିବାରୁ ଗୃହରେ ସମସ୍ତ ସଦସ୍ୟ ଅସନ୍ତୋଷ ବ୍ୟକ୍ତ କରିଥିଲେ। ସେହିଭଳି ସାର ମିଳୁନଥିବା ନେଇ ବ୍ଲକ ଉପାଧ୍ୟକ୍ଷ ଜ୍ୟୋତି ପ୍ରସାଦ ପାଣି ଉଦ୍‌ବେଗ ପ୍ରକାଶ କରିବା ସହ ଯଥାସମ୍ଭବ ଚାଷୀଙ୍କୁ ସାର ଯୋଗାଇଦେବାକୁ କୃଷି ଅଧିକାରୀଙ୍କୁ ତାଗିଦ କରିଥିଲେ। ବୈଠକରେ ଶିକ୍ଷା, ସ୍ୱାସ୍ଥ୍ୟ, ଉନ୍ନୟନ, ପଶୁସମ୍ପଦ, କୃଷି, ଖାଦ୍ୟ ଯୋଗାଣ, ଉଦ୍ୟାନ, ସାମାଜିକ ଓ ସୁରକ୍ଷା, ଓଡ଼ିଶା ଜିବିକା ମିଶନ, ମିଶନ ଶକ୍ତି, ସମନ୍ୱିତ ଆଦିବାସୀ ଉନ୍ନୟନ ଓ କଲ୍ୟାଣ, ପାନୀୟଜଳ ଓ ପରିମଳ, ବନ ବିଭାଗ ଆଦି ବିଭାଗ ଉପରେ ଆଲୋଚନା ହୋଇଥିଲା। ଆଲୋଚନା ବେଳେ ପଞ୍ଚାୟତ ପ୍ରତିନିଧି ବିଭାଗୀୟ ସମ୍ପର୍କିତ ବିଭିନ୍ନ ପ୍ରଶ୍ନ ପଚାରି ବୈଠକକୁ ସରଗରମ କରିଥିଲେ। ଏଥିରେ ବ୍ଲକ ଉପାଧ୍ୟକ୍ଷ ଶ୍ରୀ ପାଣି, ବିଡିଓ ସନ୍ତୋଷ କୁମାର ବାରିକ, ଏବିଡିଓ ପୀତାମ୍ବର ନାୟକ, ସହକାରୀ ନିର୍ବାହୀ ଯନ୍ତ୍ରୀ ସିଦ୍ଧାର୍ଥ ଶଙ୍କର ତ୍ରିପାଠୀ ମଞ୍ଚାସୀନ ଥିଲେ। ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଥିବା ଶିକ୍ଷକଙ୍କୁ ବୈଠକରେ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଭାରପ୍ରାପ୍ତ ଜିପିଡିଓ ଭଗବାନ ନାୟକ ପରିଚାଳନା କରିଥିବାବେଳେ ପେଷା ସଂଯୋଜକ ଶ୍ରୀଧର ଦାସ ସହଯୋଗ କରିଥିଲେ।

## ରାଜ୍ୟ ମାଧ୍ୟମିକ ଶିକ୍ଷା ଉପନିର୍ଦ୍ଦେଶକଙ୍କ ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ

ଫିରିଙ୍ଗିଆ, ୧୨।୯ (ସମିସ): ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ମାଧ୍ୟମିକ ଶିକ୍ଷା ଉପନିର୍ଦ୍ଦେଶକ ଡ଼. ସୁଧାଂଶୁ ପାତ୍ର ଫିରିଙ୍ଗିଆ ବ୍ଲକ ଗସ୍ତରେ ଆସି ବ୍ଲକ ମୁଖ୍ୟାଳୟରେ ଥିବା ସରକାରୀ ଉଚ୍ଚବିଦ୍ୟାଳୟ, କସ୍ତୁରବା ଗାନ୍ଧୀ ଆବାସିକ ବିଦ୍ୟାଳୟ ବୁଲି ଦେଖିବା ସହ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହ ଆଲୋଚନା କରିଥିଲେ। ସକାଳ ୧୦ଟାରେ ଉପନିର୍ଦ୍ଦେଶକ ଶ୍ରୀ ପାତ୍ର ବିଦ୍ୟାଳୟରେ ପହଞ୍ଚିବା ପରେ ଛାତ୍ରଛାତ୍ରୀ ଓ ଶିକ୍ଷକ/ଶିକ୍ଷୟିତ୍ରୀ ସ୍ୱାଗତ କରିଥିଲେ। ପରେ ସେ ବିଦ୍ୟାଳୟର ଭିତ୍ତିଭୂମି ବୁଲି ଦେଖିବା ସହ ବିଭିନ୍ନ ଶ୍ରେଣୀ କୋଠରୀକୁ ଯାଇ ଛାତ୍ରଛାତ୍ରୀଙ୍କ ସହ ପାଠପଢ଼ା ବିଷୟରେ ଆଲୋଚନା କରିଥିଲେ। ବିଦ୍ୟାଳୟ ପରିସରରେ ଥିବା କସ୍ତୁରବା ଗାନ୍ଧୀ ଆବାସିକ ବିଦ୍ୟାଳୟ ବୁଲି ଦେଖିବା ପରେ ଛାତ୍ରୀ ନିବାସକୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ। ଗସ୍ତ ସମୟରେ କନ୍ଧମାଳ ଜିଲ୍ଲାରେ ନୂତନ ଭାବରେ ଯୋଗ ଦେଇଥିବା ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମାନସ ରଞ୍ଜନ ଦାସ, ଫିରିଙ୍ଗିଆ ଗୋଷ୍ଠୀ ଶିକ୍ଷା ଅଧିକାରୀ ଆଲୋକ କୁମାର ପ୍ରଧାନ, ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ କୁମାରୀ ପୁନମଙ୍କ ସହ ବିଦ୍ୟାଳୟର ଅନ୍ୟାନ୍ୟ ଶିକ୍ଷକ/ଶିକ୍ଷୟିତ୍ରୀ ଓ କର୍ମଚାରୀ, କସ୍ତୁରବା ଗାନ୍ଧୀ ଆବାସିକ ବିଦ୍ୟାଳୟ ହଷ୍ଟେଲ ପରିଚାଳିକା ବାସନ୍ତୀ ଦେଇ ଓ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତି ଥିଲେ। ପରିଦର୍ଶନରେ ଆସି ବିଦ୍ୟାଳୟର ପରିବେଶ ଓ ଶୃଙ୍ଖଳାକୁ ଦେଖି ଉପନିର୍ଦ୍ଦେଶକ ଶ୍ରୀପାତ୍ର ଖୁସି ବ୍ୟକ୍ତ କରିଥିଲେ।



## ରାୟଗଡ଼ ଓ କଇଁପୁର ବିଦ୍ୟାଳୟରେ ଜୋନ୍‌ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

ରାୟଗଡ଼, ୧୨।୯ (ସମିସ): ରାୟଗଡ଼ ବ୍ଲକ ସଦରସ୍ଥ ସରକାରୀ ଏସ୍ଏସ୍‌ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶୁକ୍ରବାର ଜୋନ୍‌ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଉଦଘାଟନ କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକ ସୁରେଶ କୁମାର ସାହୁକାର ଏବଂ ସ୍ଥାନୀୟ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋଜ କୁମାର ବେହେରା ଯୋଗ ଦେଇ କ୍ରୀଡ଼ା ପତାକା ଉତ୍ତୋଳନ କରିଥିଲେ। ଏହାପରେ ଉଭୟ ୧୪ ବର୍ଷ ଏବଂ ୧୭ ବର୍ଷରୁ କମ୍ ବାଳକ ଓ ବାଳିକାଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଏଥିରେ ବିଭିନ୍ନ ବିଦ୍ୟାଳୟ ୧୭୪ ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ। କ୍ରୀଡ଼ା ଶିକ୍ଷକ ରାକେଶ କୁମାର ବେହେରା, ଅଭିମନ୍ୟୁ ଗମାଙ୍ଗ, ଦେବ ପ୍ରସାଦ ପରିଡ଼ା, ବିଦ୍ୟାଳୟର ଶିକ୍ଷୟିତ୍ରୀ ସୁନନ୍ଦା ସାହୁ ଏବଂ କ୍ରୀଡ଼ା ଶିକ୍ଷକ ସନ୍ତୋଷ ପ୍ରସାଦ ପଣ୍ଡା ପରିଚାଳନା କରିଥିଲେ।

ସେହିପରି କଇଁପୁରସ୍ଥିତ ମହେନ୍ଦ୍ର ତନୟା ଆଶ୍ରମ ବିଦ୍ୟାଳୟରେ ମଧ୍ୟ ଉକ୍ତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ଜେନାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କଇଁପୁର ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜଗନ୍ନାଥ ରାଓ, ସମ୍ମାନିତ ଅତିଥି ଭାବେ ଲାଣ୍ଡୁ ସାହି ବିଦ୍ୟାଳୟ ର ଶିକ୍ଷକ ଅରୁଣ କୁମାର ଭୂୟାଁ ଉପସ୍ଥିତ ଥିଲେ। ଏଥିରେ ଆଠ ବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗ ଦେଇ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ଖେଳ ଶିକ୍ଷୟିତ୍ରୀ ସସ୍ମିତା ପ୍ରଧାନ ଓ ପ୍ରିୟଦର୍ଶୀ ମିଶ୍ର ପରିଚାଳନା କରିଥିବା ବେଳେ ମହେନ୍ଦ୍ରତନୟା ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଜୟ ଦାସ, ଶିକ୍ଷକ ଆଦର୍ଶ ମନ୍ତ୍ରୀ, ଅଶୋକ କୁମାର ଦାସ, ଜ୍ୟୋତିର୍ମୟୀ ପାଣିଗ୍ରାହୀ ଙ୍କ ସମେତ ଶିକ୍ଷକ ଶିକ୍ଷୟିତ୍ରୀ ପରିଚାଳନରେ ସହଯୋଗ କରିଥିଲେ।

● ଦିନ ୩ଟାରେ ସ୍କୁଲ ଛୁଟି

## ଭୁଲ୍ ଲୁଚାଇବାକୁ ପ୍ରଧାନଶିକ୍ଷକଙ୍କ ହାଇଡ୍ରାମା

ବାଲିଗୁଡ଼ା, ୧୨।୯ (ସମିସ): ସରକାରଙ୍କ ନିୟମକୁ ଫୁ' କରି ଦିନ ୩ ଟାରେ ସ୍କୁଲ ଛୁଟି କରୁଛନ୍ତି ପ୍ରଧାନ ଶିକ୍ଷକ। ପଚାରିବାରୁ ନିଜ ଭୁଲ୍ ଲୁଚାଇବାକୁ ଯାଇ ହାଇଡ୍ରାମା କରିଥିବା ମଧ୍ୟ ଦେଖିବାକୁ ମିଳିଛି। ଏଭଳି ଅଭାବନୀୟ ଘଟଣା ଘଟିଛି କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ବ୍ଲକ ମିଡ଼ିଆକିଆ ପଞ୍ଚାୟତ ଡୁମପଦର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ।



ପ୍ରଧାନ ଶିକ୍ଷକଙ୍କ ନାମରେ ଏହିଭଳି ସାଙ୍ଘାତିକ ଅଭିଯୋଗ ଆଣିଛନ୍ତି ଛାତ୍ରଛାତ୍ରୀ, ଅଭିଭାବକ ଓ ସ୍କୁଲ ପରିଚାଳନା କମିଟି ସଭାପତି। ବିଦ୍ୟାଳୟରେ ଅନିୟମିତତା ନେଇ ଅଭିଯୋଗ ରହିଥିବା ବେଳେ ପ୍ରଧାନଶିକ୍ଷକ ସର୍ବେଶ୍ୱର ସାହୁଙ୍କ ଦବଙ୍ଗଗିରି ମଧ୍ୟ ଦେଖିବାକୁ ମିଳିଛି। ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ଅଭିଯୋଗ ଯେ, ଡୁମପଦର ସ୍କୁଲର ପ୍ରଧାନ ଶିକ୍ଷକ ପ୍ରତ୍ୟେକ ଦିନ ୧୧ଟା ବେଳେ ଆସି ମଧ୍ୟାହ୍ନ ଭୋଜନ ପରେ ଅର୍ଥାତ୍ ଅପରାହ୍ନ ୩ ଟାରେ ସ୍କୁଲ ବନ୍ଦ କରି ଚାଲିଯାଉଛନ୍ତି। ଅଭିଯୋଗ ଅନୁଯାୟୀ ସେହି ସ୍କୁଲକୁ ଯାଇ ଯାଞ୍ଚ କରାଯିବାରୁ ସତ୍ୟତା ଥିବା ଜଣାପଡ଼ିଥିଲା। ପ୍ରଧାନଶିକ୍ଷକ ଅପରାହ୍ନ ୩ଟାରେ ସ୍କୁଲ ବନ୍ଦ କରି ଯାଉଥିବା ଦେଖି ତାଙ୍କୁ ପଚାରିବାରୁ ସେ ସାମ୍ବାଦିକଙ୍କୁ ଗାଳିଗୁଲଜ କରିବା ସହିତ, ନାଲି ଆଖି ଦେଖାଇ ଗାଁ ଲୋକଙ୍କ ସମ୍ମୁଖରେ ଦୁର୍ବ୍ୟବହାର କରି ଧମକ ଦେବାକୁ ମଧ୍ୟ ପଛାଇ ନଥିଲେ। ତେବେ ବିଭାଗୀୟ ବାଲିଗୁଡ଼ା ଗୋଷ୍ଠୀ ଶିକ୍ଷା ଅଧିକାରୀ ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

**ତୁମୁଡିବନ୍ଧ ସିଡିପିଓଙ୍କ ଦବଙ୍ଗଗିରିର ପ୍ରତିବାଦ**

# କାର୍ଯ୍ୟାଳୟ ସମ୍ମୁଖରେ ଶତାଧିକ ଅଙ୍ଗନବାଡ଼ି କର୍ମୀଙ୍କ ଧାରଣା

ତୁମୁଡିବନ୍ଧ, ୧୨।୯ (ସମିସ)



ତୁମୁଡିବନ୍ଧ ସମନ୍ୱିତ ଶିଶୁ ବିକାଶ ଅଧିକାରିଣୀ ଲତା ଦିଗାଲଙ୍କ ମନମୁଖୀ କାର୍ଯ୍ୟରେ ଅତିଷ୍ଠ ହୋଇ କାର୍ଯ୍ୟାଳୟ ସମ୍ମୁଖରେ ଶତାଧିକ ଅଙ୍ଗନବାଡ଼ି କର୍ମୀ ଧାରଣା ଦେଇଛନ୍ତି। ଶ୍ରୀମତୀ ଦିଗାଲ ଅଙ୍ଗନବାଡ଼ି କର୍ମୀଙ୍କୁ ଗାଳିଗୁଲଜ ସହ ବ୍ୟକ୍ତିଗତ ଜୀବନକୁ ନେଇ ଆକ୍ଷେପ କରୁଥିବା ଅଭିଯୋଗ ହୋଇଛି। ସିଡିପିଓ କୌଣସି ପୂର୍ବ ସୂଚନା ନଦେଇ ଅଙ୍ଗନବାଡ଼ି କର୍ମୀ ଏବଂ ସୁପରଭାଇଜରଙ୍କ ଦରମା ବନ୍ଦ କରିବା ସହିତ କର୍ମୀଙ୍କ ଏସ୍ଏମ୍‌ପି ଅର୍ଥ ରିଲିଜ୍ ନ କରିବାକୁ ନେଇ ଉତ୍ତେଜନା ସୃଷ୍ଟି ହୋଇଥିଲା। ପୂର୍ବରୁ ଉକ୍ତ କାର୍ଯ୍ୟାଳୟର ମମତା ବିଭାଗର କର୍ମଚାରୀଙ୍କୁ ଗାଳିଗୁଲଜ ସହିତ ତାଙ୍କ ମୁହଁକୁ ଚାବି ପେନ୍ଥା ଫିଙ୍ଗିଥିଲେ। ଅଙ୍ଗନବାଡି କର୍ମୀଙ୍କ ଅଭିଯୋଗ ପରେ ଶୁକ୍ରବାର ଜିଲ୍ଲା ଶିଶୁ ବିକାଶ ଅଧିକାରିଣୀଙ୍କ ସମେତ ଜିଲ୍ଲା ସଂଘର ସମ୍ପାଦିକା ସାରଦା ବିଶୋଇ ଓ ରାଜ୍ୟ ଅଙ୍ଗନବାଡ଼ି ସଂଘର ଉପଦେଷ୍ଟା ଜୁନୁପମା ଶତପଥୀ ଓ କାର୍ଯ୍ୟକର୍ତ୍ତା ତୁମୁଡିବନ୍ଧ ଶିଶୁ ବିକାଶ କାର୍ଯ୍ୟାଳୟକୁ ଆସିଥିଲେ। ଜିଲ୍ଲା ସମନ୍ୱିତ ଶିଶୁ ବିକାଶ ଅଧିକାରିଣୀ ସିଡିପିଓଙ୍କ ସହିତ ଆଲୋଚନା କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ସେ ତାଙ୍କୁ ଜାଣିଶୁଣି ଖାତିର ନ କରି ବାହାନା ଦେଖାଇ ସମୟ ଦେଇନଥିଲେ। ଏଥିରେ ଜିଲ୍ଲା ଶିଶୁ ବିକାଶ ଅଧିକାରିଣୀ ଅସନ୍ତୋଷ ପ୍ରକାଶ କରିଥିଲେ। ବାରମ୍ବାର ଜିଲ୍ଲା ଶିଶୁ ବିକାଶ ଅଧିକାରିଣୀ ଅଙ୍ଗନବାଡ଼ି କର୍ମୀମାନେ ଦେଇଥିବା ଅଭିଯୋଗ ବିଷୟରେ ଆଲୋଚନା କରିବାକୁ ସିଡିପିଓଙ୍କୁ ଡାକିଥିଲେ ମଧ୍ୟ ସେ ଶୁଣିନଥିଲେ। ଅନେକ ସମୟ ଧରି ଆଲୋଚନା ପାଇଁ ଚେଷ୍ଟା କରିଥିଲେ ମଧ୍ୟ ସିଡିପିଓ ବାହାନା କରି ଖସି ଯିବାକୁ ଚେଷ୍ଟା କରିଥିଲେ। ସେ ସମୟରେ ଅଙ୍ଗନବାଡ଼ି କର୍ମୀ ଓ ଜିଲ୍ଲା ସଂଘର କର୍ମକର୍ତ୍ତା ଅଟକାଇବାକୁ ଚେଷ୍ଟା କରିଥିବା ବେଳେ ସିଡିପିଓ ଜୋରରେ ଗାଡ଼ିର ଡୋର୍ ବାଡ଼େଇ ଦେଇଥିଲେ। ଏଥିରେ ଜିଲ୍ଲା ସଂଘର ସମ୍ପାଦିକା ଆହତ ହୋଇଥିଲେ। ସିଡିପିଓଙ୍କ ଦୃଢୋକ୍ତି ପ୍ରକାଶ କରି ମୋର କିଏ କିଛି କରିପାରିବେନି ବୋଲି କହିଛନ୍ତି।

ସେ ମାସିକ ଏସ୍ଏମପି ପଇସା ଏବଂ ଦରମା କରିବା ନିମନ୍ତେ ଅଙ୍ଗନବାଡ଼ି କର୍ମଚାରୀଙ୍କୁ ଲାଞ୍ଚ ମାଗୁଥିବା ଅଭିଯୋଗ ହୋଇଛି। ଯେଉଁ କର୍ମୀ ଲାଞ୍ଚ ଦେଉଛନ୍ତି ଠିକ ସମୟରେ ତାଙ୍କ ଦରମା ହେଉଥିବା ଅଙ୍ଗନବାଡ଼ିକର୍ମୀ କହିଛନ୍ତି। ଅନ୍ୟପଟେ ଅଭିଯୋଗ ବିଷୟରେ ସିଡିପିଓଙ୍କ ସହିତ ଆଲୋଚନା କରିବାକୁ ପ୍ରୟାସ କରିଥିଲେ ମଧ୍ୟ ସେ ଗଣମାଧ୍ୟମ ପ୍ରତିନିଧିଙ୍କୁ ଦେଖି କାର୍ଯ୍ୟାଳୟରୁ ବାହାରି ନଥିଲେ। ସିଡିପିଓଙ୍କ ଏଭଳି ମନମୁଖୀ କାର୍ଯ୍ୟର ପ୍ରତିବାଦରେ ଅଙ୍ଗନବାଡି କର୍ମୀ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଦୀର୍ଘ ସମୟ ଧାରଣା ପରେ ବାଲିଗୁଡ଼ା ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ତୁମୁଡିବନ୍ଧ ତହସିଲଦାର ଧାରଣାସ୍ଥଳକୁ ଯାଇ ଅଙ୍ଗନବାଡ଼ି କର୍ମୀଙ୍କ ସହ ଆଲୋଚନା କରି ଧାରଣାରୁ ଉଠିବାକୁ ଅନୁରୋଧ କରିଥିଲେ ସୁଦ୍ଧା କର୍ମୀମାନେ ଶୁଣିନଥିଲେ। ଏହି ପ୍ରସଙ୍ଗରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରି ଏହାର ନିରପେକ୍ଷ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅଙ୍ଗନବାଡ଼ି କର୍ମୀଙ୍କୁ ତହସିଲଦାର କହିଛନ୍ତି। ସିଡିପିଓଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ହିଁ ଧାରଣା ଭଙ୍ଗ କରିବାକୁ ତହସିଲଦାରଙ୍କୁ କର୍ମୀ ଜଣାଇଛନ୍ତି। ପ୍ରଶାସନ ସିଡିପିଓଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ କିମ୍ବା ଅନ୍ୟତ୍ର ବଦଳି ନକେଲେ ଆଗାମୀ ଦିନରେ ଏହି ଆନ୍ଦୋଳନ ଭୟଙ୍କର ରୂପ ନେବ ବୋଲି ତୁମୁଡିବନ୍ଧ ଅଙ୍ଗନବାଡି ସଂଘ ସଭାପତି ଶର୍ମିଷ୍ଠା ନାୟକ କହିଛନ୍ତି।

## ଜମି ପାଇଁ ମାମୁ ଶଶୁରକୁ ଆକ୍ରମଣ: ଭାଣିଜୀ ଢ୍ୱାଇଁ ଗିରଫ

ଦାରିଙ୍ଗବାଡି,୧୨।୯ (ସମିସ): ଜମି ପାଇବା ପାଇଁ ମାମୁ ଶଶୁରକୁ ମରଣାନ୍ତକ ଆକ୍ରମଣ ଘଟଣାରେ ଦାରିଙ୍ଗବାଡି ପୁଲିସ ଭାଣିଜୀ ଢ୍ୱାଇଁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଅନ୍ୟଜଣେ ସାଥୀ ଫେରାର ଥିବା ତଦନ୍ତକାରୀ ଅଧିକାରୀ ଏସ୍ଆଇ ଲକ୍ଷ୍ମୀ ମାଝୀ ସୂଚନା ଦେଇଛନ୍ତି। ଗିରଫ ଭାଣିଜୀ ଢ୍ୱାଇଁ ନୂଆଗାଁ ଥାନା ସିର୍ଷିଗୁଡ଼ା ପଞ୍ଚାୟତ ଜୁଆଙ୍ଗିଆ ଗ୍ରାମର ପିଣ୍ଟୁ ମଲିକ(୨୬) ।

କିରିକୁଟି ଗ୍ରାମ ନିବାସୀ ତଥା ପୂର୍ବତନ ସରପଞ୍ଚ ତ୍ରିଲୋଚନ ପ୍ରଧାନ (ଟିଟୁ)ଙ୍କୁ ଗତ ରବିବାର ସନ୍ଧ୍ୟାରେ ପାଟାଙ୍ଗୀ ଗ୍ରାମରେ ଭାଣିଜୀ ଢ୍ୱାଇଁଙ୍କ ସହ ଅନ୍ୟ କିଛି ବ୍ୟକ୍ତି ଆସି ଧାରୁଆ ଅସ୍ତ୍ରରେ ବେକ ସମେତ ଶରୀରର ବିଭିନ୍ନ ସ୍ଥାନରେ ଆକ୍ରମଣ କରିଥିଲେ। ଏହି ଘଟଣା ସିମନବାଡ଼ିର ସମ୍ପର୍କୀୟ ଭଣଜା ଅରୁଣ ପ୍ରଧାନ ଜାଣିବା ପରେ ପାଟାଙ୍ଗୀ ଯାଇ ଅଟୋ ଯୋଗେ ଦାରିଙ୍ଗବାଡି ସ୍ୱାସ୍ଥ୍ୟକେନ୍ଦ୍ରରେ ଆହତଙ୍କୁ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ବ୍ରହ୍ମପୁର ବଡ ମେଡିକାଲକୁ ରେଫର କରିଥିଲେ। ଏନେଇ ତ୍ରିଲୋଚନଙ୍କ ମାମୁପୁଅ ଭାଇ ଜୟଚନ୍ଦ୍ର ପ୍ରଧାନ ସୋମବାର ଦିନ ଦାରିଙ୍ଗବାଡି ଥାନାରେ ଏତଲା ଦେଇଛନ୍ତି। ମାମୁ ଶଶୁରଙ୍କ ଜମି ହାତେଇବା ପାଇଁ ଭଣଜା ଢ୍ୱାଇଁ ଆକ୍ରମଣ କରିଥିବା ଜଣାଯାଇଛି।

## ପୋକ୍ସୋ ମାମଲାରେ ଅଭିଯୁକ୍ତକୁ ୨୦ ବର୍ଷ ଦଣ୍ଡାଦେଶ

ପାରଳାଖେମୁଣ୍ଡି,୧୨।୯ (ସମିସ): ଗଜପତି ଜିଲ୍ଲା ଅତିରିକ୍ତ ଜିଲ୍ଲା ଦୌରାଜଜ୍ (ସ୍ୱତନ୍ତ୍ର) ବିଭୁ ପ୍ରସାଦ ପଣ୍ଡା ଏକ ପୋକ୍ସୋ ମାମଲାର ଶୁଣାଣି କରି ଅଭିଯୁକ୍ତକୁ ୨୦ବର୍ଷ ଜେଲ୍ ଦଣ୍ଡାଦେଶ ଶୁଣାଇଛନ୍ତି। ଏହାସହ ୧୦ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଶୁଣାଇଛନ୍ତି। ଜରିମାନା ଅନାଦାୟ ଅଧିକ ୬ମାସ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଏ ନେଇ ଗଜପତି ଆରକ୍ଷୀ ଅଧିକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା ସୂଚନା ଦେଇଛନ୍ତି। ଅଭିଯୁକ୍ତ ଜଣକ ହେଉଛନ୍ତି ପ୍ରସାଦ ଶତ୍ରୁସଲ୍ୟ।

ସୂଚନା ମୁତାବକ ପ୍ରସାଦ ଜଣେ ନାବାଳିକାକୁ ୨୫ ଜାନୁଆରୀ ୨୦୨୦ରେ ଦୁଷ୍କର୍ମ ଉଦ୍ୟମ କରିଥିଲେ। ଏନେଇ ଆର୍.ଉଦୟଗିରି ଥାନାରେ ପୋକ୍ସୋ ଆଇନରେ ଏକ ମାମଲା ରୁଜୁ ହୋଇଥିଲା। ଏହାର ଶୁଣାଣି କରି ବିଚାର ପତି ଉପରୋକ୍ତ ଦଣ୍ଡାଦେଶ ଶୁଣାଇବା ସହ ଆଇନସେବା ପ୍ରାଧିକରଣଙ୍କୁ ୪ଲକ୍ଷ ଟଙ୍କ ପୀଡିତାଙ୍କୁ କ୍ଷତିପୂରଣ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ମାମଲାଟିକୁ ସ୍ୱତନ୍ତ୍ର ପିପି ଆର୍.ଜେ. ରାଓ ପରିଚାଳନା କରିଥିଲେ।

## ଅଭିଯୁକ୍ତଙ୍କ ଭଉଣୀ ବିରୋଧରେ ମାର୍‌ପିଟ୍ ଅଭିଯୋଗ

ପାରଳାଖେମୁଣ୍ଡି, ୧୨।୯ (ସମିସ): ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ଆଦର୍ଶ ଥାନା ଅଞ୍ଚଳରେ ଆଜି ଏକ ଭିନ୍ନ ଅଭିଯୋଗ ଆସିଛି। ଗତ କିଛିମାସ ହେବ ଜଣେ ମହିଳା ବହୁ ମହିଳାଙ୍କୁ ଟଙ୍କା ଲୋଭ ଦେଖାଇ ବିଭିନ୍ନ ଘରୋଇ ବ୍ୟାଙ୍କ୍ ଓ ଅର୍ଥ ଲଗାଣକାରୀ ସଂସ୍ଥାରୁ ଋଣ କରାଇ କ୍ଷତିଗ୍ରସ୍ତ କରାଇଥିବା ଘଟଣା ଚର୍ଚ୍ଚାରେ ରହିଛି। ତେବେ ଯେଉଁ ମହିଳା ଜଣକ ଅନେକ ମହିଳାଙ୍କୁ ଠକିଛନ୍ତି ତାଙ୍କ ଭଉଣୀ ଆଜି ପାରଳାଖେମୁଣ୍ଡି ଆସୁଥିବାବେଳେ କ୍ଷତିଗ୍ରସ୍ତ ମହିଳାମାନେ ତାଙ୍କୁ ଧରି ପୁଲିସର ଜିମା ଦେଇଥିଲେ। ଅଭିଯୋଗ ଅନୁସାରେ କ୍ଷତିଗ୍ରସ୍ତ ମହିଳାମାନେ ପୁଲିସକୁ ଜିମା ଦେବା ସମୟରେ ଉକ୍ତ ମହିଳା ଜଣକ ମାରପିଟ କରିଥିବା ଅଭିଯୋଗ ପାରଳାଖେମୁଣ୍ଡି ଥାନାରେ ହୋଇଥିଲା। ଯାହାକୁ ନେଇ ପାରଳାଖେମୁଣ୍ଡି ଥାନା ପୁଲିସ୍ ଉକ୍ତ ମହିଳା ଜଣକୁ ଅଟକ ରଖି ପଚରାଉଚରା କରୁଛି। ସେପଟେ କ୍ଷତିଗ୍ରସ୍ତ ମହିଳାମାନେ ଦିନ ତମାମ ପାରଳାଖେମୁଣ୍ଡି ଥାନାରେ ଉପସ୍ଥିତ ରହି ହୋହଲ୍ଲା କରିଥିଲେ।

ତେବେ ଯେଉଁ ମହିଳା ଜଣଙ୍କୁ ପୋଲିସର ଜିମା ଦିଆଯାଇଛି ସେହି ମହିଳା ଜଣକ ଅର୍ଥ ଠକେଇ କରିଥିବା ମହିଳାଙ୍କର ଭଗ୍ନି ଏବଂ ସେ ଆଜି ଏକ ବ୍ୟାଙ୍କରୁ ଜମାଥିବା ଶହ ଶହ ତୋଳା ସ୍ୱର୍ଣ୍ଣ ଅଳଙ୍କାର ନେବାକୁ ଆସିଥିବା ବେଳେ ଆର୍ଥିକ କ୍ଷତିଗ୍ରସ୍ତ ମହିଳାମାନେ ପୁଲିସର ଜିମା ଦେଇଥିବା କହିଛନ୍ତି। ସେପଟେ ପାରଳାଖେମୁଣ୍ଡି ଆଦର୍ଶ ଥାନା ଅଧିକାରୀ ପ୍ରଶାନ୍ତ ଭୂପତି ଘଟଣାର ତଦନ୍ତ ଜାରି ରହିଛି ବୋଲି କହିବା ସହ ଅର୍ଥ ଠକେଇ କରିଥିବା ମହିଳା ଜଣକ ଅଭିଯୁକ୍ତ ଥିବା ବେଳେ ଯେଉଁ ମହିଳାଙ୍କୁ ପୁଲିସର ଜିମା ଦିଆଯାଇଛି ସେହି ମହିଳା ଜଣକ ମାରପିଟ କରିଥିବା ଅଭିଯୋଗ ହୋଇଛି ବୋଲି କହିଛନ୍ତି।

# ନାବାଳିକା ବଳାତ୍କାର ମାମଲାରେ ଅଭିଯୁକ୍ତକୁ ୨୦ ବର୍ଷ ଜେଲ୍

ଫୁଲବାଣୀ,୧୨।୯ (ସମିସ)

ଏକ ନାବାଳିକା ବଳାତ୍କାର ମାମଲାର ଶୁଣାଣି କରି ଫୁଲବାଣୀ ଫାଷ୍ଟ ଟ୍ରାକ୍ ପୋକ୍ସୋ କୋର୍ଟ ଅଭିଯୁକ୍ତକୁ ୨୦ ବର୍ଷ ସଶ୍ରମ କାରାଦଣ୍ଡାଦେଶ ଦେଇଛନ୍ତି। ଏଥିସହ ଦୋଷୀକୁ ୧୬ ହଜାର ଟଙ୍କା ଜରିମାନା ଓ ଅନାଦାୟ ଅଧିକ ଏକ ବର୍ଷ ୯ ମାସ ଜେଲ ଭୋଗିବାକୁ ରାୟରେ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୁକ୍ତ ଜଣକ ହେଲେ ଦାରିଙ୍ଗବାଡି ଥାନା ପାଙ୍ଗାଲି ଗ୍ରାମର ହର୍ମି ମଲିକ (୨୭)।

ସୂଚନା ଅନୁସାରେ, ୧୪ ବର୍ଷୀୟା ନାବାଳିକା ଜଣକ ଗତବର୍ଷ ସେପ୍ଟେମ୍ବର ୧ ତାରିଖ ଦିନ ଡ୍ରେସ୍ କିଣିବାକୁ ଦାରିଙ୍ଗିବାଡ଼ି ବଜାରକୁ ଯାଉଥିଲେ। ଏହି ସମୟରେ ଅଭିଯୁକ୍ତ ତାଙ୍କୁ ବଜାରରେ ଛାଡି ଦେବି କହି ଏକ ଅଟୋ ରିକ୍ସାରେ ବସାଇଥିଲେ। ପରେ ପାଙ୍ଗାଲି ଜଙ୍ଗଲକୁ ନେଇ ଦୁଷ୍କର୍ମ କରିଥିଲା। ଏ କଥା କାହାରିକୁ କହିଲେ ଜୀବନରେ ମାରିଦେବି ବୋଲି ଧମକ ଦେଇଥିଲେ। ପରେ ପୀଡିତାକୁ ପୁଣି ଅଟୋରେ ଆଣି ଗାଁ ପାଖରେ ଛାଡ଼ି ଦେଇ ଚାଲିଯାଇଥିଲା। ପୀଡ଼ିତା ଘର ଲୋକଙ୍କୁ ଏହି ଘଟଣା ସମ୍ପର୍କରେ କହିବା ପରେ ଦାରିଙ୍ଗିବାଡ଼ି ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ପୁଲିସ ମାମଲା ରୁଜୁ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଆଜି ପୋକ୍ସୋ କୋର୍ଟ ବିଚାରପତି କୈଳାସ ଚନ୍ଦ୍ର ସ୍ୱାଇଁ ମାମଲାର ବିଚାର କରି ୧୭ ଜଣ ସାକ୍ଷୀଙ୍କ ବୟାନ ଓ ଡାକ୍ତରୀ ରିପୋର୍ଟ ଆଧାରରେ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ପୀଡିତାଙ୍କୁ କ୍ଷତିପୂରଣ ବାବଦରେ ୬ ଲକ୍ଷ ଟଙ୍କା ପ୍ରଦାନ ପାଇଁ ଜିଲ୍ଲା ଆଇନସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଅଦାଲତ। ସ୍ୱତନ୍ତ୍ର ପିପି ବନମାଳୀ ବେହେରା ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିଲେ।

## ପଞ୍ଚାୟତ ସମିତି ବୈଠକ: ଯୋଗଦେଲେନି ତିନି ଜିଲ୍ଲା ପରିଷଦ ସଭ୍ୟ




ଜଗନ୍ନାଥପ୍ରସାଦ,୧୨।୯ (ସମିସ): ଜଗନ୍ନାଥପ୍ରସାଦ ପଞ୍ଚାୟତ ସମିତିର ୫ମ ସାଧାରଣ ବୈଠକ ଶୁକ୍ରବାର ବ୍ଲକ୍ ସମ୍ମିଳନୀ କକ୍ଷରେ ବ୍ଲକ ଅଧକ୍ଷା ଜୟଶ୍ରୀ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଧାୟକଙ୍କ ପ୍ରଦ୍ୟୁମ୍ନ କୁମାର ନାୟକ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧକ୍ଷା ଜୟଶ୍ରୀ ସାହୁ, ଉପାଧକ୍ଷ ନୀଳାଞ୍ଚଳ ଖିଲାର, ବିଡ଼ିଓ ମନ୍ମଥ ନାଥ ମଲ୍ଲିକ, ତହସିଲଦାର ଅଶୋକ କୁମାର ମୁଦୁଲି, ସହକାରୀ ଯନ୍ତ୍ରୀ ଅଚ୍ୟୁତାନନ୍ଦ ପଟ୍ଟନାୟକ, ସିଡିପିଓ ଭି.ମଣିମାଳା ପ୍ରମୁଖ ମଞ୍ଚାସିନ ରହିଥିଲେ। ବ୍ଲକ ମୁଖ୍ୟ କିରାଣି ରାମକୃଷ୍ଣ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ମିତାଲି ପ୍ରିୟଦର୍ଶିନୀ ଓ ସମ୍ପ୍ରସାରଣ ଅଧିକାରୀ ମୋନାଲି ମହାନ୍ତି ମଞ୍ଚାସିନ ଥିଲେ।

ଅନ୍ୟମାନଙ୍କ ମଧ୍ୟରେ ୨୫ଗୋଟି ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ/ସଭ୍ୟା, ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ବିଶେଷ ଭାବେ ବିଧାୟକ ଉନ୍ନୟନ ପାଣ୍ଠି ବିନିଯୋଗ, ଶିକ୍ଷା ଓ ସ୍ୱାସ୍ଥ୍ୟ ବିଭାଗ, ବନ ସୁରକ୍ଷା ସମିତି, ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟକ୍ରମ, ପୂର୍ତ୍ତ ବିଭାଗ, ଜଳସେଚନ, କ୍ଷୁଦ୍ର ଜଳସେଚନ, କୃଷି, ଉଦ୍ୟାନ କୃଷି, ଗ୍ରାମ୍ୟ ପାନୀୟଜଳ ଯୋଗାଣ, ପ୍ରାଣୀଧନ ବିଭାଗ, ଜଳଛାୟା ପ୍ରକଳ୍ପ ସହିତ ଅନ୍ୟାନ୍ୟ ବିଷୟରେ ନିଷ୍ପତ୍ତି ନିଆଯାଇଥିଲା।

ତେବେ ୨୪ନମ୍ବର ଜୋନର ଜିଲ୍ଲାପରିଷଦ ସଭ୍ୟ/ସଭ୍ୟାମାନଙ୍କ ଏହି ସମିତି ବୈଠକରେ ଦେଖା ମିଳି ନଥିଲା। ନୂତନ ଶୀତଳ ଭଣ୍ଡାର ନିର୍ମାଣ ସୂଚନା ପାଇବା ପରେ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଥିଲା। ଶେଷରେ ଉପସ୍ଥିତ ସମସ୍ତ ପିଆରଆଇ ମେମ୍ବରମାନେ ରାଜନୈତିକ ଆକ୍ରୋଶ ନ ରଖି ସରକାରଙ୍କ ଅନୁଦାନ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ପାଇଁ ଚେଷ୍ଟା ଜାରି ରଖିବାକୁ ସୂଚାଇଥିଲେ। କାର୍ଯ୍ୟକ୍ରମକୁ ବିଡ଼ିଓ ଶ୍ରୀ ନାୟକ ଓ ସହକାରୀ ଯନ୍ତ୍ରୀ ଶ୍ରୀ ପଟ୍ଟନାୟକ ପରିଚାଳନା କରିଥିବା ବେଳେ ଶ୍ରୀ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

■ ଛତ୍ରପୁର ପ୍ରେସ୍ କ୍ଲବର କର୍ମକର୍ତ୍ତା ନିର୍ବାଚନ

## ସରୋଜ ସଭାପତି, ପ୍ରଦୀପ ଉପସଭାପତି



ଛତ୍ରପୁର,୧୨।୯ (ସମିସ)

ଛତ୍ରପୁର ପ୍ରେସ କ୍ଲବର ନୂତନ କର୍ମକର୍ତ୍ତା ଲାଗି ଶୁକ୍ରବାର ନିର୍ବାଚନ ଶେଷ ହୋଇଛି। ସଭାପତି ଭାବେ ସରୋଜ ସାମଲ ନିର୍ବାଚିତ ହୋଇଥିବା ବେଳେ ସମ୍ପାଦକ ଭାବେ ଅଜିତ କୁମାର ସ୍ୱାଇଁ ନିର୍ବାଚିତ ହୋଇଛନ୍ତି। ସେହିପରି ଉପସଭାପତି ଭାବେ ପ୍ରଦୀପ କୁମାର ସାହୁ, ସହ- ସମ୍ପାଦକ ଭାବେ ସନ୍ତୋଷ କୁମାର ସାହୁ ଓ କୋଷାଧକ୍ଷ ଭାବେ କ୍ଷୀରୋଦ ଚନ୍ଦ୍ର ସାହୁ ନିର୍ବାଚିତ ହୋଇଛନ୍ତି। ଛତ୍ରପୁର ପ୍ରେସ କ୍ଲବର ନୂତନ କର୍ମକର୍ତ୍ତା ଚୟନ ଲାଗି ଅନୁଷ୍ଠିତ ଏହି ନିର୍ବାଚନରେ ୨୩ ଜଣ ସଦସ୍ୟ ମତଦାନ କରିଥିଲେ। ସଭାପତି ପଦବୀ ପାଇଁ ୨ ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଥିବା ବେଳେ ସରୋଜ ସାମଲ ୧୨ ଖଣ୍ଡ ଭୋଟ ପାଇ ନିର୍ବାଚିତ ହୋଇଥିଲେ।

ସମ୍ପାଦକ ପଦବୀ ପାଇଁ ମଧ୍ୟ ଦୁଇ ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଥିବା ବେଳେ ଅଜିତ କୁମାର ସ୍ୱାଇଁ ୧୫ ଖଣ୍ଡ ଭୋଟ ପାଇ ନିର୍ବାଚିତ ହୋଇଥିଲେ। କୋଷାଧକ୍ଷ ପଦବୀ ପାଇଁ ଜଣେ ମାତ୍ର ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଥିବା ବେଳେ କ୍ଷୀରୋଦ ଚନ୍ଦ୍ର ସାହୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ସହ ସମ୍ପାଦକ ଓ ଉପ ସଭାପତି ପଦବୀ ପାଇଁ ୨ ଜଣ ଲେଖାଏଁ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଥିବା ବେଳେ ଉଭୟେ ଉଭୟେ ସମାନ ସମାନ ଭୋଟ ପାଇଥିବାରୁ ଉଭୟଙ୍କୁ ଏକ ବର୍ଷ ଲେଖାଏଁ ପଦବୀ ପ୍ରଦାନ କରାଯାଇଛି। ଏଥିଲାଗି ଧର୍ମ ଗୁଳା କରାଯାଇଥିବା ବେଳେ ଉପସଭାପତି ଭାବେ ପ୍ରଦୀପ କୁମାର ସାହୁ ଓ ସହ ସମ୍ପାଦକ ଭାବେ ସନ୍ତୋଷ କୁମାର ସାହୁ ଚଳିତ ପ୍ରଥମ ବର୍ଷ ପଦବୀରେ ରହିବା ପାଇଁ ନିଷ୍ପତ୍ତି ହୋଇଥିବା ବେଳେ ଉପସଭାପତି କେ. ସତ୍ୟ ନାରାୟଣ ରେଡ୍ଡୀ ଓ ସହ- ସମ୍ପାଦକ ଦେବଦତ୍ତ ପଣ୍ଡା ଆସନ୍ତା ବର୍ଷ ନିମନ୍ତେ ଦାୟିତ୍ୱ ଗ୍ରହଣ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ନିର୍ବାଚନ ଅଧିକାରୀ ଭାବେ ଶ୍ରୀକାନ୍ତ ମହାନ୍ତି ଦାୟିତ୍ୱ ତୁଲାଇଥିଲେ।

## ଖଣ୍ଡାୟତ କ୍ଷତ୍ରିୟ ସମାଜ ବୈଠକ



ଭଞ୍ଜନଗର,୧୨।୯ (ସମିସ): ସ୍ଥାନୀୟ ଓଡ୍ର ଖଣ୍ଡାୟତ କାଳଞ୍ଜି ସମାଜ ଗୃହରେ ଅବିଭକ୍ତ ଗଞ୍ଜାମ ଖଣ୍ଡାୟତ କ୍ଷତ୍ରିୟ ସମାଜର ସାଙ୍ଗଠନିକ ବୈଠକ ଡ଼. ବାୟାମନୁ ଚର୍ଚ୍ଚିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଅନ୍ୟତମ ଜିଲ୍ଲା କର୍ମକର୍ତ୍ତା କିଶୋର ଚନ୍ଦ୍ର ପାତ୍ର ଗତ ବୈଠକର ବିବରଣୀ ପାଠ ସହ ସ୍ୱାଗତ ଭାଷଣ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୋପାଳକୃଷ୍ଣ ପ୍ରଧାନ, ସୋମନାଥ ନାୟକ, ବଂଶୀଧର ନାୟକ, କୃତିବାସ ବିଶ୍ୱାଳ, ସନ୍ତୋଷ ଜେନା, ବୃନ୍ଦାବନ ଖଟେଇ, ପିତାମ୍ବର ପରିଡା, ନେତାଜୀ ବିଷୋୟୀ, ସନ୍ତୋଷ କୁମାର ନାୟକ, ଶିବ କୁମାର ନାୟକ, ଜଗବନ୍ଧୁ ଜେନା ପ୍ରମୁଖ ନିଜ ନିଜ ବକ୍ତବ୍ୟ ରଖିଥିଲେ। ସଂଗଠନକୁ ସୁଦୃଢ କରିବାକୁ ତୃଣମୂଳସ୍ତରରୁ ସଂଗଠନ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ପଛୁଆବର୍ଗର ସମସ୍ତ ସୁବିଧା ସୁଯୋଗ ସରକାରୀ ସ୍ତରରେ ମିଳୁ ନଥିବା ଯୋଗୁ କ୍ଷୋଭ ପ୍ରକାଶ କରାଯାଇଥିଲା। ରାଜନୈତିକ ଦୃଷ୍ଟିରୁ ଆମର ବହୁ ସଂଖ୍ୟା ରହିଥିଲେ ମଧ୍ୟ ସେ ହାରରେ ସାମାଜିକ ମାନ୍ୟତା ମିଳୁ ନଥିବା ଯୋଗୁ ଦୁଃଖ ପ୍ରକାଶ କରାଯାଇଥିଲା। ଏହି ଅବସରରେ ସର୍ବସମ୍ମତିକ୍ରମେ ଏକ କାର୍ଯ୍ୟକାରୀ କମିଟି ଗଠନ କରାଯାଇଛି। ଏଥିରେ ସନ୍ତୋଷ ନାୟକ ସଭାପତି, ସନ୍ତୋଷ ଜେନା କାର୍ଯ୍ୟକାରୀ ସଭାପତି, ପିତାମ୍ବର ପରିଡା, ନଗେନ୍ଦ୍ର ନାୟକ, ଉପ ସଭାପତି, ଜଗବନ୍ଧୁ ଜେନା ସମ୍ପାଦକ, ନେତାଜୀ ବିଷୋୟୀ ଯୁଗ୍ମ ସମ୍ପାଦକ, ଶିବ କୁମାର ନାୟକ କୋଷାଧକ୍ଷ ଓ ସୋମନାଥ ନାୟକ, କୃତିବାସ ବିଶ୍ୱାଳ, ବଂଶୀଧର ନାୟକ, ଗୋପାଳକୃଷ୍ଣ ପ୍ରଧାନ ଉପଦେଷ୍ଟା ଭାବେ ମନୋନୀତ ହୋଇଛନ୍ତି। ସମ୍ପାଦକ ଜଗବନ୍ଧୁ ଜେନା ଧନ୍ୟବାଦ ପ୍ରଦାନ କରିଥିଲେ।

## ଆଦି କର୍ମଯୋଗୀ ଉତ୍ତରଦାୟୀ ଶାସନ ପରିଚାଳନା ଶିକ୍ଷଣ କାର୍ଯ୍ୟକ୍ରମ



କାଶୀନଗର,୧୨।୯ (ସମିସ): ଗଜପତି ଜିଲ୍ଲା କାଶୀନଗର ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଆଦିବାସୀଙ୍କ ବିକାଶ ପାଇଁ ଆଦି କର୍ମଯୋଗୀ ଉତ୍ତରଦାୟୀ ଶାସନ ପରିଚାଳନା ସମ୍ବନ୍ଧିତ ଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ କାର୍ଯ୍ୟକ୍ରମର ନୋଡାଲ୍ ଅଫିସର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡମ୍ବରୁଧର ମଲ୍ଲିକ ରିସୋର୍ସ ପର୍ସନ୍ ଭାବେ ଦାୟିତ୍ୱ ନିର୍ବାହ କରିଥିବା ବେଳେ ୬ ଜଣ ପିଇଓ , ୩ ଜଣ ସିଆରସିସି , ଶିଶୁକଲ୍ୟାଣ ବିଭାଗ ୨ ଜଣ ମହିଳା ପରିଦର୍ଶକ ଓ ଜଣେ ଜିଆରଏସ୍ ଅଂଶଗ୍ରହଣ କରିଥିଲେ। ନୋଡାଲ୍ ଅଫିସରଙ୍କ କହିବା ଅନୁଯାୟୀ ପାର୍ତ୍ତଡା , କେ . ସୀତାପୁର , ଖାରଡା , ଶିଆଳି , ଅଲଡା ପଞ୍ଚାୟତକୁ ଆଦିବାସୀ ସଶକ୍ତିକରଣ କାର୍ଯ୍ୟ ସକାଶେ ଚୟନ କରାଯାଇଛି ଓ ଅଂଶଗ୍ରହଣକାରୀ ଉଲ୍ଲିଖିତ ପଞ୍ଚାୟତ ସହ ସମ୍ପୃକ୍ତ ଅଞ୍ଚଳରେ ସେବା ସମର୍ପଣ ଓ ସଂକଳ୍ପର ମନୋଭାବ ନେଇ କାର୍ଯ୍ୟ କରିବେ। ୧୭ ଲାଇନ ଡିପାର୍ଟମେଣ୍ଟ ସହଯୋଗରେ ଓ ଦୁଇ ମାସ ଭିତରେ ଏଥିପାଇଁ ଯୋଜନା ପ୍ରସ୍ତୁତ ହେବ। କେନ୍ଦ୍ର ସରକାର ଓଡିଶାକୁ ଫ୍ୟାକ୍ଟ ଫାଇଣ୍ଡର ରୂପେ ବାଛିଥିବା କୁହାଯାଇଥିଲା।

● କନ୍ଧୁଣିଦେବୀଙ୍କ ଯାତ୍ରାର ଦ୍ୱିତୀୟ ସନ୍ଧ୍ୟା

## ପ୍ରିନ୍ସ ଡ୍ୟାନ୍ସ ଗ୍ରୁପର ନୃତ୍ୟ ପରିବେଷଣ

ସୋରଡ଼ା,୧୨।୯ (ସମିସ): କଣ୍ଟାପିଢ଼ା ଯାତ୍ରା ତଥା କନ୍ଧୁଣି ଦେବୀ ମହୋତ୍ସବର ଦ୍ୱିତୀୟ ଦିନରେ ମୁଖ୍ୟ ଅତିଥି ଭାବେ ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯାତ୍ରାର ଇତିହାସ ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ସୋରଡା ବିଧାୟକ ନୀଳମଣି ବିଷୋୟୀ, ରଘୁନାଥ ସ୍ୱାମୀ ମନ୍ଦିର ଟ୍ରଷ୍ଟି ଦେବେନ୍ଦ୍ର ନାଥ ପାତ୍ର, ଗୋପୀନାଥ ସ୍ୱାମୀ ମନ୍ଦିର ଟ୍ରଷ୍ଟି ଅପନା ସ୍ୱାମୀ ପାତ୍ର, ଋଷିକୂଲ୍ୟା ବଣିକ ସଂଘ ଟ୍ରଷ୍ଟି ସନ୍ତୋଷ ଚୌଧୁରୀ, ଲାୟନ୍ସକ୍ଲବ୍ ସମ୍ପାଦକ ମହେଶ୍ୱର ସାହୁ ଯୋଗଦେଇ ମା'କନ୍ଧୁଣିଙ୍କ ଅଞ୍ଚଳର କନ୍ଧ ରାଜା ପାଟ ମଲ୍ଲିକ ପୂଜା ପଦ୍ଧତି ଅନନ୍ୟ ବୋଲି କହିଥିଲେ। ସେହିପରି ବ୍ରହ୍ମପୁର ପ୍ରିନ୍ସ ଡ୍ୟାନ୍ସ ଗ୍ରୁପର ଆକର୍ଷଣ ସମସ୍ତଙ୍କୁ ଏକ ନିଆରା ସ୍ମୃତି ଦେଇଥିଲା। କାଉନସିଲର ରଜନୀକାନ୍ତ ମହାପାତ୍ର ସଂଯୋଜନା କରିଥିବା ବେଳେ ସାଂସଦ ପ୍ରତିନିଧି ସୀମାଞ୍ଚଳ ଅଧିକାରୀ, ହରିହର ପଣ୍ଡା, ଅକ୍ଷୟ ପାତ୍ର, ଭି ଜଗଦୀଶ ରାଜୁ ପ୍ରମୁଖ ସହଯୋଗ କରିଥିଲେ।

## ମଣ୍ଡଳସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

ରମ୍ଭା,୧୨।୯ (ସମିସ): ଖଲ୍ଲିକୋଟ ବ୍ଲକ୍ ବିଦ୍ୟାଳୟ ସମୂହ କ୍ରୀଡା ସଂଗଠନ ପକ୍ଷରୁ ମଣ୍ଡଳସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ମା' ବାହୁଡି ଉଚ୍ଚ ବିଦ୍ୟାଳୟର କ୍ରୀଡ଼ା ପ୍ରଶିକ୍ଷକ ମହନ୍ତ ଜେନା ପ୍ରାରମ୍ଭିକ ସଂଗୀତ ପରିବେଷଣ କରିଥିଲେ। କ୍ରୀନା ସଂଗଠନର ସମ୍ପାଦକ ପୀତବାସ ମହାପାତ୍ର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ।

ଉଦ୍‌ଘାଟନୀ ଉତ୍ସବରେ ସ୍ଥାନୀୟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ ମୁଖ୍ୟ ଅତିଥି, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ସ୍ୱାଇଁ ମୁଖ୍ୟ ବକ୍ତା, ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ, ଗଂଜାମ, ଖଲ୍ଲିକୋଟର ଅଧକ୍ଷ ଡକ୍ଟର ସନ୍ତୋଷ କୁମାର ପରିଡ଼ା ସ୍ୱତନ୍ତ୍ର ଅତିଥି, ଖଲ୍ଲିକୋଟ ଗୋଷ୍ଠୀ ଶିକ୍ଷା ଅଧିକାରୀ ରୁଦ୍ରନାରାୟଣ ସାହୁ, ଜିଲ୍ଲା କ୍ରୀଡ଼ା ପର୍ଯ୍ୟବେକ୍ଷକ ସାନନ୍ଦ ନାୟକ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରବିନାରାୟଣ ସେଠୀ, ଶ୍ରୀମର୍ଦ୍ଦରାଜ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଗୋମତି ପ୍ରଧାନ, ରାମଚନ୍ଦ୍ର ମର୍ଦ୍ଦରାଜ ମହାବିଦ୍ୟାଳୟର ପ୍ରାଣୀବିଜ୍ଞାନ ପ୍ରଶିକ୍ଷକ ଟି. ଶିବାନନ୍ଦ ବର୍ମା ପ୍ରମୁଖ ସମ୍ମାନୀତ ଅତିଥି ରୂପେ ଯୋଗଦେଇଥିଲେ। ବ୍ଲକ୍ ସ୍ତରୀୟ କ୍ରୀଡା ସଂଗଠନର ସଭାପତି ରୁଦ୍ରନାରାୟଣ ସାହୁ ଉତ୍ସବରେ ସଭାପତିତ୍ୱ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ସଂଗଠନର ଉପସଭାପତି ତଥା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରବିନାରାୟଣ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଖଲ୍ଲିକୋଟ ଜୋନର ସମ୍ପାଦକ ପବିତ୍ର ବେହେରା, କ୍ରୀଡା ଶିକ୍ଷକ ସୁକାନ୍ତ କୁମାର ବେହେରା, ରାଜକିଶୋର ପ୍ରଧାନ, ବାନାମ୍ବର ମଲ୍ଲିକ, ଦୀପ୍ତିମୟୀ ପାତ୍ର, ନୀଳାଚଳ ନାୟକ, ମହନ୍ତ ଜେନା, ଦିଲ୍ଲୀପ ଦାଶ, ଭାସ୍କର ଘାସି, ରାଜେନ୍ଦ୍ର କୁମାର ଦଳବେହେରା, ରାମଚନ୍ଦ୍ର ନାହାକ, ପ୍ରତାପ ଚନ୍ଦ୍ର ଗୌଡ଼, ଅସିତ୍ କୁମାର ଜେନା, ଅଜିତ କୁମାର ବିଶ୍ୱାଳ, ସୁବାସ ଚନ୍ଦ୍ର ସାହୁ, ବିଦ୍ୟୁତପ୍ରଭା ବଳ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ସିଆର୍‌ସିସି ତଥା ଯୁବ ସାହିତ୍ୟିକ ଡକ୍ଟର ଦ୍ୱାରିକାନାଥ ମହାରଣା।

# ରାଜସ୍ୱ ମନ୍ତ୍ରୀଙ୍କ ସବୁଜ ସଂକେତ ପରେ ତେଜିଲା ଜିଲ୍ଲା ଦାବି

ବେଲଗୁଣ୍ଠା,୧୨।୯ (ସମିସ)



ଦୀର୍ଘ ୩୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଗଞ୍ଜାମ ଜିଲ୍ଲାର ବଡ଼ ଭୂଖଣ୍ଡ ଭାବେ ପରିଚିତ ଭଞ୍ଜନଗର ଉପଖଣ୍ଡକୁ ସ୍ୱତନ୍ତ୍ର ଘୁମୁସର ଜିଲ୍ଲା ମାନ୍ୟତା ଦାବି ହୋଇ ଆସୁଥିବାବେଳେ ରାଜସ୍ୱ ମନ୍ତ୍ରୀଙ୍କ ନୂତନ ଜିଲ୍ଲା ଗଠନ ସମ୍ପର୍କରେ ସବୁଜ ସଂକେତ ସଂଗଠନମାନଙ୍କୁ ସ୍ୱର ଉତ୍ତୋଳନ ପାଇଁ ଇନ୍ଧନ ଯୋଗାଇଛି। ଶୁକ୍ରବାର ଏ ସଂକ୍ରାନ୍ତରେ ଘୁମୁସର ବାହିନୀ ପକ୍ଷରୁ ବିଭିନ୍ନ ସଂଗଠନକୁ ସାମିଲ କରି ଜିଲ୍ଲା ଦାବି ସମ୍ପର୍କିତ ଯଥାର୍ଥତା ନେଇ ଏକ ତଥ୍ୟ ସମ୍ବଳିତ ଦାବିପତ୍ର ବେଲଗୁଣ୍ଠା ତହସିଲଦାର କଳାକୃଷ୍ଣ ପ୍ରଧାନଙ୍କୁ ପ୍ରଦାନ କରାଯାଇଛି।

ସଂଗଠନ ପକ୍ଷରୁ ପୂର୍ବରୁ ମୁଖ୍ୟମନ୍ତ୍ରୀ, ରାଜସ୍ୱ, ଅର୍ଥମନ୍ତ୍ରୀଙ୍କ ସମେତ ମୁଖ୍ୟ ଶାସନ ସଚିବ, ରାଜସ୍ୱ ସଚିବ, ଦକ୍ଷିଣାଞ୍ଚଳ ଆୟୁକ୍ତ, ଜିଲ୍ଲାପାଳ ଓ ଉପଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସାମାଜିକ, ସାଂସ୍କୃତିକ, ରାଜନୈତିକ ଓ ଭୌଗଳିକ ଦୃଷ୍ଟି କୋଣରୁ ଭଞ୍ଜନଗର ଉପଖଣ୍ଡ ଅଧିନ ୮ ଟି ବ୍ଲକ ଓ ୫ଟି ଏନ୍‌ଏସିକୁ ନେଇ ସ୍ୱତନ୍ତ୍ର ଘୁମୁସର ଜିଲ୍ଲା ପାଇଁ ଯୋଗ୍ୟ ଅଟେ। ଏଥି ସହିତ ଗଞ୍ଜାମ-କନ୍ଧମାଳ ସୀମାନ୍ତ କଳିଙ୍ଗା ଘାଟିରୁ ଜିଲ୍ଲା ମୁଖ୍ୟାଳୟ ଛତ୍ରପୁର ୧୫୦ କି.ମି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ କୌଣସି କାର୍ଯ୍ୟରେ ଯାଇ ପୁଣି ସେହି ଦିନ ଫେରିବା କୌଣସି ବ୍ୟକ୍ତି ପକ୍ଷରେ ସମ୍ଭବ ନୁହେଁ। ଫଳରେ ଅଞ୍ଚଳର ଜନସାଧାରଣ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜିଲ୍ଲା ଗଠନ ନିମନ୍ତେ ଜନସାଧାରଣଙ୍କ ଆନ୍ତରିକତା ଓ ସମସ୍ୟାଙ୍କୁ ହୃଦୟଙ୍ଗମ କରି ସରକାର ଜିଲ୍ଲା ଘୋଷଣା କରିବା ସମୟରେ ଘୁମୁସର ଜିଲ୍ଲା ଗଠନକୁ ପ୍ରାଥମିକତା ଦେଇ ପ୍ରଶାସନିକ ସ୍ତରରେ ପଦକ୍ଷେପ ନେବା ପାଇଁ ତହସିଲଦାରଙ୍କୁ ଅବଗତ କରାଯୋଇଛି। ଦାବିପତ୍ର ପ୍ରଦାନ ବେଳେ ସମ୍ବାଦ ସାହିତ୍ୟ ଘର, ବିପଦର ବନ୍ଧୁ, ରାଧାକୃଷ୍ଣ ପାଠାଗାର, କବି ସମ୍ରାଟ ମିଡିଆ କ୍ଲବ, ଘୁମୁସର ଲେଖିକା ସଂସଦ, ରାଧାକୃଷ୍ଣ ନଦିଆ ସଂଘ, କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଭାରତ ଲୀଳା ସଂଘ, ରୋଟାରୀ କ୍ଲବ, ଓଡ୍ର କାଳଞ୍ଜି ସମାଜ, ସାମ୍ବାଦିକ ସଂଘ, ବେଲଗୁଣ୍ଠା ପ୍ରେସ କ୍ଲବ, ବଣିକ ସଂଘ, ଅଟୋ ଆସୋସିଏସନ, ଗୋପବନ୍ଧୁ ଚାରିଟେବଲ ଟ୍ରଷ୍ଟ ସମେତ ଅନ୍ୟାନ୍ୟ ସଂଘର କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଜାତୀୟ ଶିକ୍ଷାନୀତି ଆଲୋଚନାଚକ୍ର




ସୋରଡା,୧୨।୯ (ସମିସ): କେଶବ ପଣ୍ଡା ମହିଳା ସ୍ନାତକ ମହାବିଦ୍ୟାଳୟର ଛାତ୍ରୀଙ୍କୁ ନେଇ ଜାତୀୟ ଶିକ୍ଷାନୀତି-୨୦୨୦ର ଏକ ଦିନିଆ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସ୍ନାତକ ମହାବିଦ୍ୟାଳୟର ଅଧକ୍ଷ ପ୍ରିୟସୀତା ପଣ୍ଡା ଓ ମହାବିଦ୍ୟାଳୟ ପ୍ରତିଷ୍ଠାତା କେଶବ ପଣ୍ଡା ପ୍ରମୁଖ ମଞ୍ଚାସିନ ଥିଲେ। ମୁଖ୍ୟ ଅତିଥି ଭାବେ ଚିକିଟି ଡିଗ୍ରୀ କଲେଜର ଡ଼. ରାଜେଶ କୁମାର ପାତ୍ର ଯୋଗଦେବା ସହ ସମ୍ମାନୀତ ଅତିଥି ଭାବେ ରିଡର୍ ଡ. ଗଦାଧର ବେହେରା ଯୋଗଦେଇ ବର୍ତ୍ତମାନ ପ୍ରଚଳିତ ଜାତୀୟ ନୂତନ ଶିକ୍ଷାନୀତି ଉପରେ ଆଲୋଚନା କରିଥିଲେ। ମଧୁସ୍ମିତା ସେଠି ଓ ଜ୍ୟୋସ୍ନା ରାଣୀ ସେଠୀ ପରିଚାଳନା କରିଥିବା ବେଳେ ଏହି ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକାଙ୍କ ସହ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

